# ୩୦

# ପ୍ରାରମ୍ଭିକ ରାଷ୍ଟ୍ର

ପ୍ରାଚୀନ ଭାରତ ଇତିହାସରେ ଆମ୍ଭେ ହରପ୍ପାର ସହରୀ ସଭ୍ୟତାଠାରୁ ଆରମ୍ଭ କରି ଗୁପ୍ତ ବଂଶର ଶାସ୍ତ୍ରୀୟ ପୁରାତନ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସମାଜ ବିଷୟରେ ଜ୍ଞାନ ପ୍ରାପ୍ତି କରିଅଛୁଁ । ଏହି ସମୟରେ ଆମ୍ଭେ ଏକ ଶ୍ରେଣୀବଦ୍ଧ କେନ୍ଦ୍ରୀଭୂତ ଏବଂ ବିକେନ୍ଦ୍ରୀକୃତ ସରକାର ଦେଖିବାକୁ ପାଉ । ସେମାନଙ୍କ ମଧ୍ୟରୁ କେତେକ ନିଜ ନିଜର ରାଜନୈତିକ ଗଠନ ପ୍ରଣାଳୀ ଏବଂ ଶାସନ କ୍ଷେତ୍ରରେ ଅତ୍ୟଧିକ ସଂଗଠିତ ଥିବା ସ୍ଥଳେ ଅନ୍ୟମାନେ ଆଭ୍ୟନ୍ତରୀଣ ସମସ୍ୟା ଏବଂ ଶାସନ କ୍ଷମତାର ବିଭାଜନ ପାଇଁ ଦୁର୍ବଳ ହୋଇପଡିଥିଲେ ।

## ଉଦ୍ଦେଶ୍ୟ

ଏହା ଅଧ୍ୟୟନ କଲାପରେ ତୁମେ:-

- ପ୍ରାଚୀନ ଭାରତର ରାଜ୍ୟ ବ୍ୟବସ୍ଥାର ବିକାଶର ବ୍ୟାଖ୍ୟା କରିପାରିବ
- ବିଭିନ୍ନ ପ୍ରକାର ରାଷ୍ଟ୍ର ମଧ୍ୟରେ ପ୍ରଭେଦ ଦେଖିପାରିବେ ।
- ବୁଝିପାରିବ ଯେ କିପରି ଶକ୍ତିଶାଳୀ ରାଷ୍ଟ୍ରର ସୃଷ୍ଟି ହେଲା ।

## ୩୦.୧-ପୃଷ୍ଠଭୂମି

ମାନବ ସମାଜର ପ୍ରାରମ୍ଭରେ ଏହା ମୁଖ୍ୟତଃ ଏକ ଜନଜାତୀୟ ସମାଜ ଥିଲା । ସେମାନଙ୍କ ମଧ୍ୟରେ ବିଶ୍ୱାସ ଥିଲା ଯେ ସମସ୍ତ ମନୁଷ୍ୟ ସମାନ ଏବଂ ସମସ୍ତଙ୍କର ସମାନ ଅଧିକାର ରହିଅଛି । ରାଷ୍ଟ୍ର ଗଠନର ଚିନ୍ତାଧାରା ସାଧାରଣତଃ ସମ୍ପଦ ଉପରେ ନିୟନ୍ତ୍ରଣ ପାଇଁ ହୋଇଥିବା ସଂଘର୍ଷର ପରିଣାମ ଅଥବା ଏକ ଶ୍ରେଣୀଭୁକ୍ତ ଅର୍ଥ ବ୍ୟବସ୍ଥା ଅଥବା ବିଭିନ୍ନ ସ୍ତରରେ ସମାଜ ନିଜର ବିନ୍ୟାସ କରିବା ସମୟରେ ସୃଷ୍ଟି ହୋଇଥିଲା । ଶ୍ରେଣୀଭୁକ୍ତ ସମାଜର ବିକାଶ ରାଷ୍ଟ୍ର ବ୍ୟବସ୍ଥା ପ୍ରଣାଳୀର ପରିବର୍ତ୍ତନ ପାଇଁ ଅପରିହାର୍ଯ୍ୟ ଥିଲା । ଜନସଂଖ୍ୟାରେ ବୃଦ୍ଧି ତଥା ଉପବିଷ୍ଟ(Sedentary) ଜୀବନଯାପନ ଶୈଳୀ ମଧ୍ୟ ଏହାର ଅନ୍ୟ କାରଣ ଥିଲା ।

## ୩୦.୨ ରାଜତନ୍ତ୍ର ଚିନ୍ତାଧାରାର ବିକାଶ

ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁସାରେ ହରପ୍ପାରେ ଏକ ସୁଦୃଢ଼, କେନ୍ଦ୍ରିୟ କ୍ଷମତା ଥିବାର ଜଣାଯାଏ । ବୈଦିକ ରାଜତନ୍ତ୍ରରେ କୁଳର ମୁଖ୍ୟ ରାଜା ହୋଇ କାଳକ୍ରମେ ଈଶ୍ୱରଙ୍କ ସମତୁଲ୍ୟ ମର୍ଯ୍ୟାଦାର ଅଧିକାରୀ ହେଉଥିଲେ । ବୌଦ୍ଧ ଏବଂ ଜୈନ ଚିନ୍ତାଧାରା ଈଶ୍ୱରତ୍ୱକୁ ଉପେକ୍ଷା କରୁଥିଲେ । ତାଙ୍କ ମତରେ ପ୍ରକୃତି କୋଳରେ ମନୁଷ୍ୟର ସମସ୍ତ ଆବଶ୍ୟକତାଗୁଡିକ ଅତି ସହଜରେ ପୂରଣ



ଟିପ୍ପଣୀ

ହେଉଥିଲା । କ୍ରମେ ଏଥିରେ ଅବକ୍ଷୟ ଘଟି ମନୁଷ୍ୟକୁ କଳୁଷିତ କରିବା ସହିତ ତା'ର କାମନାର ଜାଗରଣ ହୋଇଥିଲା ।

ଏହାଦ୍ୱାରା ବ୍ୟକ୍ତିଗତ ସମ୍ପତ୍ତି ଏବଂ ପରିବାରର ଧାରଣା ସୃଷ୍ଟି ହେବା ସହିତ ଶେଷରେ ତା'ଠାରେ ଅନୈତିକ ବ୍ୟବହାର ଦେଖାଗଲା । ଉକ୍ତ ଅରାଜକତା ପରିପ୍ରେକ୍ଷୀରେ ମନୁଷ୍ୟମାନେ ଏକତ୍ରୀତ ହୋଇ ସେମାନଙ୍କ ମଧ୍ୟରୁ ଜଣକୁ ବାଛିବା ପାଇଁ ଚିନ୍ତା କଲେ (ତାଙ୍କୁ ମହା ସାମନ୍ତ କୁହାଯାଏ) ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆୟତରେ ରଖିବା ପାଇଁ ତାଙ୍କୁ କିଛି କିଛି କ୍ଷମତା ପ୍ରଦାନ କଲେ । ଏହିପରି ଭାବେ କ୍ରମେ କ୍ରମେ ରାଷ୍ଟ୍ର ଅନୁଷ୍ଠାନର ସୃଷ୍ଟି ହେଲା । ପରବର୍ତ୍ତୀ ମତବାଦ ଅନୁସାରେ ଶାସକ ଏବଂ ପ୍ରଜାଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ ରାଷ୍ଟ୍ର ଗଠନର ମୂଳତତ୍ତ୍ୱ ବୋଲି ଧାରଣ କରାଯାଉଅଛି । ବ୍ରାହ୍ମଣୀୟଉତ୍ସ (Sources) ବିଶ୍ୱାସ କରେ ଯେ ଦେବତାମାନେ ରାଜାଙ୍କୁ ନିଯୁକ୍ତି ପ୍ରଦାନ କରୁଥିଲେ । ଏବଂ ରାଜା ଓ ପ୍ରଜାଙ୍କ ମଧ୍ୟରେ ଶୁଳ୍କ ଦବାନବା ପାଇଁ ଏକ ଚୁକ୍ତି ହୋଇଥିଲା । ସେ ସମୟରେ ମଧ୍ୟ ମତ୍ସ୍ୟନ୍ୟାୟ (Matsyanyaya) ପ୍ରଚଳିତ ଥିଲା । ଏହା ଅନୁସାରେ ଅବ୍ୟବସ୍ଥା ସମୟରେ ଯେତେବେଳେ କୌଣସି ରାଜା ନଥାନ୍ତି ସେତେବେଳେ ଶକ୍ତିଶାଳୀମାନେ ଦୁର୍ବଳକୁ ଗିଳି ପକାଉଥିଲେ, ଯେପରିକି ଦୁର୍ଭିକ୍ଷ ସମୟରେ ବଡ଼ମାଛମାନେ ଛୋଟମାଛକୁ ଖାଇ ଯାଉଥିଲେ । ଏଣୁ ଜଣେ ରାଜାଙ୍କର ଆବଶ୍ୟକତା ଲୋକଙ୍କର ଦୃଷ୍ଟିଗୋଚର ହେଲା । ଯେ ଥିଲେ ଅଖଣ୍ଡ (absolute) । ରାଷ୍ଟ୍ରର ସ୍ଥିତି ମୁଖ୍ୟତଃ ଦୁଇଟି ଘଟଣା ଉପରେ ନିର୍ଭର କରୁଥିଲା: ଦଣ୍ଡ (ପ୍ରାଧିକାରୀ) ଏବଂ ଧର୍ମ (ସାମାଜିକ ବ୍ୟବସ୍ଥା ଅର୍ଥାତ୍ ଜାତି ପ୍ରଥାକୁ ସଂରକ୍ଷଣ କରିବ) । ଅର୍ଥଶାସ୍ତ୍ର ରାଷ୍ଟ୍ରର ସପ୍ତାଙ୍ଗକୁ ବର୍ଣ୍ଣନା କରିଅଛି, ସେଗୁଡିକ ହେଲା ରାଜା, ଶାସନ, ରାଜ୍ୟ ରାଜଧାନୀ, ରାଜକୋଷ, ଶକ୍ତି ସମ୍ପନ୍ନ ଉଚ୍ଚ କର୍ତ୍ତୃପକ୍ଷ (Forceful Authority) ଏବଂ ସହଯୋଗି । ଏଥି ସହିତ ଆସ୍ତେ ଆସ୍ତେ ରାଜନୈତିକ ଧାରଣା ବିଲୀନ ହେବା ଆରମ୍ଭ ହୋଇଥିଲା । ଏହାର ମୁଖ୍ୟ କାରଣ ହେଲା ସାଧାରଣତନ୍ତ୍ରରେ ରାଜନୈତିକ ପରମ୍ପରାର ପତନ ତଥା ରାଜତନ୍ତ୍ରର ସମାନୁପାତିକ ଆଧିପତ୍ୟ ବିସ୍ତାର ଯେଉଁଠାରେ ଆନୁଗତ୍ୟ ରାଜାଙ୍କ ଆଡ଼କୁ ନିର୍ଦ୍ଦେଶିତ ହୋଇଥାଏ । ମୌର୍ଯ୍ୟ ସାମ୍ରାଜ୍ୟର ଆବିର୍ଭାବ ରାଜତନ୍ତ୍ରର ଧାରଣାକୁ ସୁଦୃଢ଼ କରିଥିଲା । ଦ୍ୱିତୀୟଟି ହେଲା ସାମାଜିକ ବ୍ୟବସ୍ଥା ଦୃଷ୍ଟିରୁ ଧର୍ମ, ଯାହା ରାଷ୍ଟ୍ରପ୍ରତି ଦୃଷ୍ଟିକୁ ଅସ୍ପଷ୍ଟତା ପରିବର୍ତ୍ତେ ମାତ୍ରାଧିକ ଆନୁଗତ୍ୟ ଦାବି କରିଥାଏ । ରାଜାଙ୍କ କର୍ତ୍ତବ୍ୟ ଥିଲା ଧର୍ମକୁ ରକ୍ଷା କରିବା । ଯେ ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଅକ୍ଷୁର୍ଣ୍ଣ ଥିବ ସେ ପର୍ଯ୍ୟନ୍ତ ଅରାଜକତାର ପ୍ରଶ୍ନ ଉଠିବ ନାହିଁ । ଭାରତୀୟ ସଂସ୍କୃତିର ମୌଳିକ ଦୃଷ୍ଟିକୋଣ ହେଲା ସାମାଜିକ ବ୍ୟବସ୍ଥା ପ୍ରତି ଆନୁଗତ୍ୟ । ଏଥିପାଇଁ ବିଗତ ଅନେକ ଶତାବ୍ଦୀ ଧରି ପ୍ରମୁଖ ସାମାଜିକ ଅନୁଷ୍ଠାନଗୁଡିକ ହୃଦୟସ୍ପର୍ଶୀ ହୋଇ ନିଜ ନିଜର ସ୍ଥିତି ବଜାୟ ରଖିଛନ୍ତି । ଯାହାହେଉ ଏହା ମଧ୍ୟ ରାଷ୍ଟ୍ରର ରାଜନୈତିକ ବିଚାର ପ୍ରତି ଥିବା ଆନୁଗତ୍ୟ ବା ନିଷ୍ଠାକୁ ପରିବର୍ତ୍ତନ କରିଥିଲା ଯାହାଦ୍ୱାରା ଅନ୍ୟପକ୍ଷରେ ବାରମ୍ବାର ସାମ୍ରାଜ୍ୟର ସୃଷ୍ଟି ଓ ଅତ୍ୟଧିକ ରାଜନୈତିକ ଚେତନା ଦୃଷ୍ଟିଗୋଚର ହୋଇଥିଲା । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଅନ୍ୟ ଏକ ସାମ୍ରାଜ୍ୟର ଉତ୍ପତ୍ତି ପାଇଁ ଅନେକ ଶତାବ୍ଦୀ ଲାଗିଗଲା ।



ଟିପ୍ପଣୀ

## ୩୦.୩ ସିନ୍ଧୁ ଓ ବୈଦିକ ରାଜନୈତିକ ବା ସରକାରୀ ସଂଗଠନ: ରାଷ୍ଟ୍ର ପୂର୍ବରୁ ରାଷ୍ଟ୍ର ପର୍ଯ୍ୟନ୍ତ

ସିନ୍ଧୁ ଉପତ୍ୟକାର ନଗରୀ ସଭ୍ୟତା ସେହି କ୍ଷେତ୍ରରୁ ସୃଷ୍ଟି ହୋଇଥିବା ଜଟିଳ ଯୋଜନା ତଥା ସେହି ସମୟର ଆଦର୍ଶ ଅନୁସାରେ ବସବାସ କରୁଥିବା ଲୋକଙ୍କ ବିଷୟରେ ସୂଚନା ଦେଇଥାଏ । ପ୍ରତ୍ନତାତ୍ତ୍ୱିକ ଉପାଦାନର ବହୁଳ ପ୍ରମାଣ ସତ୍ତ୍ୱେ ସିନ୍ଧୁ ରାଷ୍ଟ୍ରର ସାମାଜିକ ଓ ରାଜନୈତିକ ଗଠନ ପ୍ରଣାଳୀ କଳ୍ପନାର ଏକ ବସ୍ତୁ ହୋଇ ରହିଛି । ସମ୍ପୂର୍ଣ୍ଣ ସିନ୍ଧୁ ଅଞ୍ଚଳରେ ପ୍ରଚଳିତ ଏକପ୍ରକାର ଓଜନ ଓ ମାପ ବ୍ୟବସ୍ଥା ଏବଂ ବିଶାଳ ଅନ୍ନ ଭଣ୍ଡାର ଭଳି ବୃହତ ପୂର୍ତ୍ତକାର୍ଯ୍ୟ (Civil work) କ୍ଷେତ୍ରରେ ବିକାଶ, ବିଶାଳ କ୍ଷେତ୍ର ଉପରେ ରାଜନୈତିକ ତଥା ପ୍ରଶାସନିକ ନିୟନ୍ତ୍ରଣର ସୁଦୃଢ଼ ବ୍ୟସ୍ଥାର ଆଭାସ ପ୍ରଦାନ କରେ ।

ଆର୍ଯ୍ୟମାନେ ପ୍ରାୟ ଖ୍ରୀ:ପୂ:୧୫୦୦ ବେଳକୁ ଖାଇବର ଗିରିପଥ ଦେଇ ଭାରତରେ ପ୍ରବେଶ କରିଥିଲେ ଏବଂ ଭାରତ ଇତିହାସର ଅନ୍ୟ ଏକ ସଭ୍ୟତାକୁ ଜନ୍ମ ଦେଇଥିଲେ ଯାହାକୁ ବୈଦିକ ସଭ୍ୟତା କୁହାଯାଏ । ଆର୍ଯ୍ୟମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଭାରତର ଉତ୍ତର-ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ ବସବାସ କରିବାକୁ ଲାଗିଲେ । ଗୋଷ୍ଠୀର ମୁଖିଆଙ୍କ ପଦ ଧିରେ ଧିରେ ବଂଶାନୁଗତ ହୋଇଥିଲା କିନ୍ତୁ ମୁଖିଆ ସାଧାରଣତଃ ଏକ ସମିତି ଅଥବା ସମ୍ପୂର୍ଣ୍ଣ ଗୋଷ୍ଠୀର ଉପଦେଶ ମାଧମରେ କାର୍ଯ୍ୟ କରୁଥିଲେ । ଗୋଷ୍ଠୀ ମୁଖିଆ ରାଜା ଉପାଧି ଧାରଣ କରୁଥିଲେ ଏବଂ ପ୍ରଥମେ ଯୁଦ୍ଧ-ନେତା (war-lords)ଙ୍କ ଠାରୁ ଅଳ୍ପ ଅଧିକ ସ୍ତରରେ ଥିଲେ ଏବଂ ନିଜ ଗୋଷ୍ଠୀକୁ ସୁରକ୍ଷା ପ୍ରଦାନ କରିବା ସେମାନଙ୍କର ମୁଖ୍ୟ କର୍ତ୍ତବ୍ୟ ଥିଲା । ରାଜାଙ୍କ କ୍ଷମତା ପୁରୋହିତମାନଙ୍କର ଉଚ୍ଚ-କର୍ତ୍ତୃପକ୍ଷଙ୍କ ସମତୁଲ ହୋଇଥିଲା । ବୈଦିକ ରାଜତନ୍ତ୍ର (kingship) ଆର୍ଯ୍ୟମାନଙ୍କର ପାରିପାର୍ଶ୍ୱିକ ଅବସ୍ଥାର ସ୍ୱାଭାବିକ ପରିଣାମ ଥିଲା । ରାଜା ଯୁଦ୍ଧର ମୁକାବିଲା ତଥା ସୁରକ୍ଷା ପ୍ରଦାନ କରିବା ପାଇଁ ଲୋକମାନଙ୍କର ନେତୃତ୍ୱ ଗ୍ରହଣ କରୁଥିଲେ । ତାଙ୍କୁ "ଲୋକଙ୍କ ରକ୍ଷାକର୍ତ୍ତା" ବୋଲି କୁହାଯାଏ । ଋକ୍‌ବେଦର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ରାଜା କେବଳ ଏକ ଆଦିମ ଗୋଷ୍ଠୀର ଜଣେ ନେତା ନଥିଲେ ବରଂ ନିଜପାଇଁ ଏକ ଖ୍ୟାତି ସମ୍ପନ୍ନ ସ୍ଥାନ ଅଧିକାର କରିଥିଲେ । ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ରାଜାଙ୍କର ପବିତ୍ର କର୍ତ୍ତବ୍ୟ ଥିଲା । ଏହାର ପ୍ରତିବଦଳରେ ସେ ରାଜଦେୟ ହିସାବରେ ନିଜ ପ୍ରଜାଙ୍କର ଆଜ୍ଞାନୁବର୍ତ୍ତିତା ତଥା ଆନୁଗତ୍ୟ ଆଶାକରୁଥିଲେ ତଥା ଗ୍ରହଣ କରୁଥିଲେ ।

ଦୃଢ଼ ରାଜନୈତିକ ଭିତ୍ତିଭୂମିର ଅଭାବ ତଥା ସେମାନଙ୍କ ଆଭ୍ୟନ୍ତରିଣ ଜାତିପ୍ରଥାର ଅସ୍ଥିରତା ପାଇଁ ଆର୍ଯ୍ୟମାନେ ଅଣ-ଆର୍ଯ୍ୟ (ଅନାର୍ଯ୍ୟ/ଦ୍ରାବିଡ଼)ମାନଙ୍କ ବିରୁଦ୍ଧରେ ଏକତ୍ରୀତ ହୋଇ ପାରିନଥିଲେ । ସାମ୍ରାଜ୍ୟର ଦୁର୍ବଳତାର ଲକ୍ଷଣ ପାଇଁ, କଠୋର ଜାତି ପ୍ରଥା ଯାହାକି ଲୋକମାନଙ୍କୁ ବିଭାଜିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ଅସ୍ଥିରତାର ଚିନ୍ତାଧାରା ସୃଷ୍ଟି, ମୁଖ୍ୟତ ଦାୟୀ । ଏହିସବୁ କାରଣ ହେତୁ ବୈଦିକ ସମାଜ ସିନ୍ଧୁ ସଭ୍ୟତା ତୁଳନାରେ ଅନେକ ମାତ୍ରାରେ କମ୍ ସଂଗଠିତ ଥିଲା ।

ବୈଦିକ ଯୁଗର ପ୍ରାରମ୍ଭରୁ ଜନ ନାମକ ରାଜନୈତିକ ଅଞ୍ଚଳ ଥିଲା ଯାହାକି ପରବର୍ତ୍ତୀ ସମୟରେ ଜନପଦ ଓ ମହାଜନପଦରେ ପରିଣତ ହୋଇଥିଲା । ଜନ ହେଉଛି ଗୋଟାଏ ଅଞ୍ଚଳ ଯେଉଁଠାରେ ଗୋଟଏ ଗୋଷ୍ଠୀର ଲୋକ ବସବାସ କରୁଥିଲେ । ଉକ୍ତ ଗୋଷ୍ଠୀଗୁଡିକର



ଟିପ୍ପଣୀ



ନାମକରଣ ଜଣେ ଜଣେ ନିର୍ଦ୍ଦିଷ୍ଟ ସର୍ଦ୍ଦାରଙ୍କ ନାମ ଅନୁସାରେ ହେଉଥିଲା । ପରେ ପରେ ଭୂଖଣ୍ଡର ବିସ୍ତାର ହେବାରୁ ରାଜନୈତିକ ସଙ୍ଗଠନର ସ୍ୱରୂପରେ ପରିବର୍ତ୍ତନ ଆସିଲା ।

ବୈଦିକ ଯୁଗ ପରେ ସରକାରର ଏକ ନୂତନ ବ୍ୟବସ୍ଥା ରୂପେ ସରକାରଙ୍କ ଶାସନ କଳାର ବିକାଶ ହେଲା । ଗୋଷ୍ଠୀ ରାଷ୍ଟ୍ରର (Tribal State) ଏକତା ତଥା ଶ୍ରେଷ୍ଠ ଯୋଦ୍ଧାମାନଙ୍କର ରାଜନୈତିକ ଶକ୍ତି ରାଜତ୍ୱର (Kingship) ଏକ ନୂତନ ଶୈଳୀକୁ ବିକଶିତ କଲା । ଏକ ପେଷାଦାର ସୈନ୍ୟବାହିନୀର ସ୍ଥାପନ ତଥା ରାଜାଙ୍କ ଉପରେ ଅଧିକ ନିର୍ଭରଶୀଳ ବଢ଼ାଇବା ଉକ୍ତ ନୂତନ ଶାସନ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଥିଲା । ଏହି ଶାସନ କଳାର ଉଦ୍ଦେଶ୍ୟ ହେଲା କ୍ଷତିପୂରଣର ଆଦାୟ ଏବଂ ସାମ୍ରାଜ୍ୟ ବିସ୍ତାର ବଦଳରେ ପ୍ରାକୃତିକ ସମ୍ପଦ ଥିବା କ୍ଷେତ୍ରକୁ ତଥା କର ଦେଉଥିବା ଚାଷୀମାନଙ୍କୁ ଅଧିକାର କରିବା ।

## ୩୦.୪ ମହାଜନପଦ

ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନର ଏକ ଶହ ବର୍ଷ ପୂର୍ବ ସମୟଟିଥିଲା ଦୃଢ଼ ସାମାଜିକ ଓ ଆର୍ଥିକ ପ୍ରଗତିର ସମୟ । ସେହି ସମୟରେ କୋଶଳ ଏବଂ ମଗଧ ରାଜ୍ୟର ବିକାଶ ଘଟିଥିଲା । ଏହି ସମୟରେ ଗୋଷ୍ଠୀ ରାଜନୀତି ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହେବା ତଥା ଜାତିପ୍ରଥାର ବିକାଶ ଏବଂ ଚାଉଳ ଉତ୍ପାଦନକାରୀ ଗାଙ୍ଗେୟ ସମତଳ ଭୂମିକୁ ବାସସ୍ଥାନ ପରିବର୍ତ୍ତନ ଆଦି ଘଟଣାମାନ ଦୃଷ୍ଟିଗୋଚର ହୋଇଥିଲା । ପୁରାତନ ସାମାଜିକ ସମ୍ପର୍କର ବିଘଟନ ହବା ସମୟରେ ସାମାଜିକ ଓ ରାଜନୈତିକ ସମ୍ବନ୍ଧରେ ନୂତନ ମାର୍ଗର ସ୍ଥାପନା ସମୟରେ ମହାପରିବର୍ତ୍ତନ ଉପରେ ଆଧାରିତ ଚିନ୍ତାଧାରାର ବିକାଶ ଆମ୍ଭେ ଦେଖୁଁ । ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଆର୍ବିଭାବ ଏହି ପରିବର୍ତ୍ତନର ପରିଣାମ ଥିଲା । ଖ୍ରୀ:ପୂ:୧୫୦୦ରୁ ଖ୍ରୀ:ପୂ:୮୦୦ ମଧ୍ୟରେ ଗଙ୍ଗା ଏବଂ ଯମୁନା ନଦୀର ମଧ୍ୟବର୍ତ୍ତୀ ସମତଳ ଅଞ୍ଚଳରେ ଘନ ଜଙ୍ଗଲ ସଫା କରି ସେଠାରେ ବିଭିନ୍ନ ଗୋଷ୍ଠୀର ବସତି ସ୍ଥାପନ କରିବା ସହିତ ଆର୍ଯ୍ୟମାନେ ନିଜର ମୂଳ ଅବସ୍ଥାନ ପଞ୍ଜାବରୁ ଆସ୍ତେ ଆସ୍ତେ ପୂର୍ବ ଆଡ଼କୁ ଅଗ୍ରସର ହେବା ଆରମ୍ଭ କଲେ । ଖ୍ରୀ:ପୂ: ୫୦୦ ବେଳକୁ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଚାଷବାସ ତଥା ବସତି ସ୍ଥାପିତ ହୋଇ ଯାଇଥିଲା । ଲୌହଜାତ କୃଷି ଉପକରଣର ବ୍ୟବହାରିକ ଜ୍ଞାନର ବୃଦ୍ଧି, ବଳଦ ଦ୍ୱାରା ଚାଳିତ ଲଙ୍ଗଳ ତଥା ସ୍ୱେଚ୍ଛାକୃତ ଓ ଅନିଚ୍ଛାକୃତ ଶ୍ରମିକ ସୃଷ୍ଟି କରୁଥିବା ବର୍ଦ୍ଧିତ ଜନସଂଖ୍ୟା ଏହାର ମୁଖ୍ୟ କାରଣ ଥିଲା । କ୍ରମେ ନୌ ବାଣିଜ୍ୟ ତଥା ଅନ୍ତଃଦେଶୀୟ ବାଣିଜ୍ୟ ବ୍ୟବସାୟର ବୃଦ୍ଧି ଦ୍ୱାରା ଗଙ୍ଗାନଦୀ କୂଳରେ ଥିବା ଅନେକ ସହରଗୁଡ଼ିକ ବାଣିଜ୍ୟ, ସଂସ୍କୃତି ତଥା ଭୋଗ ବିଳାସର କେନ୍ଦ୍ର ହୋଇଥିଲା । ଜନସଂଖ୍ୟା ବୃଦ୍ଧି ତଥା ଅତ୍ୟଧିକ ଉତ୍ପାଦନ ନୂଆ ନୂଆ ସ୍ୱାଧୀନ ରାଷ୍ଟ୍ରର ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ଯୋଗାଇଥିଲା । ଉକ୍ତ ରାଷ୍ଟ୍ରମାନଙ୍କର ସୀମା ଅନିଶ୍ଚିତ ଥିବାରୁ ଏମାନଙ୍କୁ ନେଇ ବାରମ୍ବାର କଳହ ସୃଷ୍ଟି ହେଉଥିଲା ।

ଗୋଷ୍ଠୀ ମୁଖିଆଙ୍କ ନେତୃତ୍ୱରେ ଥିବା ମୁଖ୍ୟ ପ୍ରଶାସନିକ ବ୍ୟବସ୍ଥା କାଳକ୍ରମେ କେତେକ ପ୍ରାଦେଶିକ ଗଣରାଜ୍ୟ ତଥା ବଂଶାନୁକ୍ରମିକ ରାଜତନ୍ତ୍ରରେ ରୂପାନ୍ତରିତ ହୋଇଥିଲା । ଏହା ଖଜଣା ଆଦାୟ କରିବା ତଥା ଯମୁନା ନଦୀର ପୂର୍ବ ଓ ଦକ୍ଷିଣ ପଟେ ବସତି ତଥା କୃଷିର ବିସ୍ତାର ପାଇଁ ଶ୍ରମିକମାନଙ୍କୁ ବାଧ୍ୟତାମୂଳକ ଭାବେ ଶ୍ରେଣୀଭୁକ୍ତ କରିଥିଲା । ନୂତନଭାବେ ଗଢ଼ି ଉଠିଥିବା ଉକ୍ତ ରାଷ୍ଟ୍ରଗୁଡିକ କର୍ମଚାରୀମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ କରୁଥିଲେ, ସେନାବାହିନୀ ସ୍ଥାପନ



ଟିପ୍ପଣୀ

କରିଥିଲେ ତଥା ନୂତନ ସହର ସ୍ଥାପନ ଓ ରାଜପଥ ନିର୍ମାଣ କରିଥିଲେ। ଖ୍ରୀ:ପୂ: ୬୦୦ ବେଳକୁ ଆଧୁନିକ ଆଫଗାନିସ୍ଥାନଠାରୁ ଆରମ୍ଭ କରି ବାଂଲାଦେଶ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଞ୍ଚଳରେ ଷୋହଳଟି ଆଞ୍ଚଳିକ ରାଷ୍ଟ୍ର ବିସ୍ତାର ଲାଭ କରିଥିଲା। ସିଂହାସନ ଉପରେ ରାଜାଙ୍କ ଅଧିକାର ସାବ୍ୟସ୍ତ କରିବାର ଉପାୟ ଜଣା ନଥିଲେ ମଧ୍ୟ ଏହାକୁ ବ୍ୟାପକ ଯାଗ ଯଜ୍ଞ, ବିଧିବିଧାନ ତଥା ବଂଶ ବୃତ୍ତାନ୍ତ ଯାହାକି ପୁରୋହିତଙ୍କ ମନରୁ ନିସୃତ ଏବଂ ଯେଉଁଥିରେ ରାଜାଙ୍କୁ ଏକ ଅସାଧାରଣ ବ୍ୟକ୍ତି ତଥା ସ୍ୱର୍ଗୀୟ ବୋଲି ବର୍ଣ୍ଣନା ଇତ୍ୟାଦିର ମାଧ୍ୟମରେ ସିଂହାସନ ଉପରେ ରାଜାଙ୍କର ଅଧିକାରକୁ ଆଇନ ସଙ୍ଗତ କରିଥିଲେ। ଗ୍ରନ୍ଥରୁ ଆମ୍ଭେ ଷୋଡ଼ଷ ମହାଜନପଦର ଉତ୍ପତ୍ତି ବିଷୟରେ ସଙ୍କେତ ପାଇଥାଉଁ। ମଗଧ, କୋଶଳ, ଅଭନ୍ତି, ବୈଶାଳୀ, ଲିଚ୍ଛାଭି ଆଦି ମହତ୍ୱପୂର୍ଣ୍ଣ ଥିଲା। ନିମ୍ନ ବର୍ଣ୍ଣନା ଅନୁସାରେ ମହାଜନପଦଗୁଡିକ ଦୁଇ ଭାଗରେ ବିଭକ୍ତ ହୋଇଥିଲା:-

### (୧) ରାଜତନ୍ତ୍ରୀୟ ମହାଜନପଦ

ପ୍ରଥମେ ଏହାର ସୃଷ୍ଟି ହୋଇଥିଲା ଯେଉଁଠାରେ ରାଜା ଅଥବା ମୁଖିଆ ନିଜ କ୍ଷେତ୍ର ବା ଅଞ୍ଚଳର ମୁଖ୍ୟ ହୋଇଥିଲେ। ଏସବୁ ଗୁଡିକରେ ବୈଦିକ ଅନୁଷ୍ଠାନ ଏବଂ ବ୍ରାହ୍ମଣଙ୍କୁ ଅଧିକ ମହତ୍ତ୍ୱ ଦିଆଯାଉଥିଲା। ଉକ୍ତ ଅଞ୍ଚଳରେ ରାଜା ନିଜେ ବୈଦିକ ଯଜ୍ଞ ଆଦି କରୁଥିଲେ। ଉଦାହରଣ ସ୍ୱରୂପ କୋଶଳ ରାଜତନ୍ତ୍ରୀୟ ମହାଜନପଦର ଶ୍ରେଣୀଭୁକ୍ତ ଥିଲା। ଏହାର ରାଜା ପ୍ରଶନ୍ନଜିତ୍ ଅନେକ ଯାଗଯଜ୍ଞ କରିଥିବାର ଜଣାଯାଏ।

### (୨) ଗଣରାଜ୍ୟ ମହାଜନପଦ

ଅନ୍ୟ ପ୍ରକାର ମହାଜନପଦଗୁଡିକ ହେଲା ଗଣରାଜ୍ୟ ଅଥବା ଗୋଷ୍ଠୀ ତନ୍ତ୍ରୀୟ ଥିଲା ଯାହାକି ରାଜତନ୍ତ୍ରଠାରୁ ଭିନ୍ନ ଥିଲା। ଏଗୁଡିକରେ ରାଜା କୁହାଯାଉଥିବା ଏକ ଦଳ ଦ୍ୱାରା ରାଜାଙ୍କୁ ବଛା ଯାଉଥିଲା। ଏଗୁଡ଼ିକରେ ଜନସଂଘ (Assembly) ଥିବାର ଉଲ୍ଲେଖ ଅଛି ଯାହାକୁ ସଭା କୁହାଯାଏ। ସେଠାରେ ସଦସ୍ୟମାନେ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରୁଥିଲେ ଏବଂ ପରେ ସେ ବିଷୟରେ ଭୋଟ ଗ୍ରହଣ ହେଉଥିଲା। ଏଭଳି ଏକ ଜନସଂଘର ଉଲ୍ଲେଖ ଅଛି ଯାହାର ସଭାରେ ୭୭୦୭ ଜଣ ରାଜା ସଦସ୍ୟ ଥିଲେ ଏବଂ ସେମାନେ ରଜନ୍ୟ ନାମକ ଏକ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିଲେ। ସେମାନେ ଜମିର ମାଲିକ ଥିଲେ ଯାହାକୁ ଦାସ, କର୍ମକାର ତଥା ମୁଲିଆମାନେ ଚାଷ କରୁଥିଲେ। ଏହି ରାଜାମାନେ ନିଜର ଯୁଦ୍ଧ କରିବାର କ୍ଷମତା ପାଇଁ ପରିଚିତ ଥିଲେ। ଏହି ଶ୍ରେଣୀର ରାଷ୍ଟ୍ରରେ ବୈଦିକ ଯାଗଯଜ୍ଞକୁ ପ୍ରାଧାନ୍ୟ ଦିଆଯାଉ ନଥିଲା ଏବଂ ବ୍ରାହ୍ମଣମାନଙ୍କର ସାମାଜିକ ପ୍ରତିଷ୍ଠା କ୍ଷତ୍ରୀୟଙ୍କ ପରେ ଦୁଇ ନମ୍ବର ଥିଲା। ଉକ୍ତ ମହାଜନପଦଗୁଡ଼ିକର ଅଧ୍ୟୟନ ପାଇଁ ମୁଖ୍ୟ ଉପାଦାନ ହେଲା ବୌଦ୍ଧଗ୍ରନ୍ଥ।

### (୩) ରାଜତନ୍ତ୍ର ତଥା ଗଣରାଜ୍ୟ ମହାଜନ ପଦ ମଧ୍ୟରେ ସଂଘର୍ଷ:

ହିମାଳୟ ପାଦଦେଶରେ ଅବସ୍ଥିତ ଭ୍ରିଜି (Vriji) ରାଷ୍ଟ୍ରସଂଘ ଏକ ଶକ୍ତିଶାଳୀ ଗୋଷ୍ଠୀତନ୍ତ୍ର ଥିଲା। ଯାହାକି କେତେକ ରାଜତନ୍ତ୍ରୀୟ ରାଷ୍ଟ୍ରକୁ ଦୋଷାରୋପ କରୁଥିଲା। ମଗଧ ଏବଂ ଲିଚ୍ଛାଭି ଭଳି ରାଜତାନ୍ତ୍ରିକ ରାଷ୍ଟ୍ର ଏପରି ଦୂରାବସ୍ଥାରେ ଥିଲେ ଯେ ସେମାନେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ସମର୍ଥ ନଥିଲେ। ମହାଜନପଦଗୁଡିକ ମଧ୍ୟରେ କ୍ଷମତା ତଥା ଆଧିପତ୍ୟ ପାଇଁ ସଂଘର୍ଷ



ଟିପ୍ପଣୀ

ଦେଖା ଦେଇଥିଲା। ଅଜାତଶତ୍ରୁ ନାମକ ଜଣେ ଉଚ୍ଚାଭିଳାଷୀ ରାଜା ମଗଧରେ ଥିଲେ। ସେ ପଡ଼ୋଶୀ ରାଜ୍ୟମାନଙ୍କୁ ଜୟ କରିବା ପାଇଁ ସ୍ଥିର କରିଥିଲେ। ଯୁଦ୍ଧ ଏବଂ ବୈବାହିକ ସମ୍ପର୍କ ବଳରେ ସେ କୋଶଳ ଏବଂ କାଶୀକୁ ପରାସ୍ତ କରିଥିଲେ।

**୩୦.୧ ପାଠଗତ ପ୍ରଶ୍ନ-ନିମ୍ନଲିଖିତ ବାକ୍ୟଗୁଡିକୁ ଠିକ୍ କରି ଆଉଥରେ ଲେଖ।**

୧) ପ୍ରାରମ୍ଭରେ ମାନବ ସମାଜ ମୁଖ୍ୟତଃ ଗୋଷ୍ଠୀଗତ ସମାଜ ନଥିଲା।

...............................................................................

୨) ଅଶୋକ ମହାନଙ୍କ ଆର୍ବିଭାବ ଦ୍ୱାରା ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କରିଥିଲା।

...............................................................................

୩) ଆର୍ଯ୍ୟ ଗୋଷ୍ଠୀଗୁଡ଼ିକ ଏକ ମଜଭୁତ ରାଜନୈତିକ ଆଧାରର ଅଭାବ ହେତୁ ଅନାର୍ଯ୍ୟ ଲୋକଙ୍କ ବିରୁଦ୍ଧରେ ଏକତ୍ରୀତ ହୋଇଥିଲେ।

...............................................................................

୪) ଏକ ସଭାରେ ୭୭୦୭/୭୦୭୭ ରାଜାମାନେ ଥିଲେ ଯେଉଁମାନେ ରାଜନ୍ୟ ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିଲେ।

...............................................................................

## ୩୦.୫ ମଗଧ ଏବଂ ମୌର୍ଯ୍ୟଙ୍କ ଉତ୍‌ଥାନ

ଏହି ପ୍ରକାର ରାଜତନ୍ତ୍ରିୟ ରାଜ୍ୟରେ ମଗଧ ଏକ ମହତ୍ୱପୂର୍ଣ୍ଣ ଶକ୍ତି ରୂପେ ପ୍ରତିଷ୍ଠିତ ହେଲା। ତା ସତ୍ତ୍ୱେ ତାକୁ ଲିଚ୍ଛାଭି ସହିତ ବହୁ ବର୍ଷ ଯୁଦ୍ଧ କରିବାକୁ ପଡ଼ିଥିଲା। ଅଜାତଶତ୍ରୁ ଭ୍ରିଜି ରାଷ୍ଟ୍ର ସଂଘର ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବା ପାଇଁ ନିଜ ମନ୍ତ୍ରୀଙ୍କୁ ପଠାଇଥିଲେ। ଏହି ଉଦ୍ୟମ ଫଳରେ ପରିଶେଷରେ ଅଜାତଶତ୍ରୁ ଲିଚ୍ଛାଭି ବିରୁଦ୍ଧରେ ସଫଳତା ହାସଲ କଲେ ଏବଂ ତାହା ମଗଧ ସାମ୍ରାଜ୍ୟର ଏକ ଅଂଶ ବିଶେଷ ହୋଇଥିଲା।

ଏହି ଅଞ୍ଚଳ ଉତ୍ତର ବ୍ୟାପାର ମାର୍ଗକୁ ନିୟନ୍ତ୍ରିତ କରୁଥିଲା ତାହାକୁ "ଉତ୍ତରାପଥ" ବୋଲି କୁହାଯାଏ। ଅନ୍ୟପକ୍ଷରେ ଦକ୍ଷିଣ ବାଣିଜ୍ୟପଥ ମଗଧ ଅଧିନରେ ରହିଥିଲା ତାକୁ "ଦକ୍ଷିଣାପଥ" କୁହାଯାଏ। ଏହି ଅଞ୍ଚଳକୁ ଅଧିକାର କରିଥିବାରୁ ମଗଧ ଆର୍ଥିକ ସମ୍ପଦ ଯେପରିକି ଉର୍ବର ନଦୀ ଉପତ୍ୟକା ଏବଂ ଲୁହାପଥର ଖଣି, ଯାହାକି ବିଭିନ୍ନ ପ୍ରକାରର ବସ୍ତୁ ତିଆରି ପାଇଁ ବ୍ୟବହୃତ ହୋଇଥାଏ, ଆଦିକୁ ପରିଚାଳନା କରିପାରିଲା। ଏହି କାରଣ ପାଇଁ ଆମ୍ଭେ ଦେଖିବାକୁ ପାଉଁ ଯେ ରାଷ୍ଟ୍ରଗଠନର ପ୍ରାରମ୍ଭିକ ସଙ୍କେତ ମଗଧରୁ ହିଁ ଆରମ୍ଭ ହୋଇଥିଲା।

ମୌର୍ଯ୍ୟବଂଶ ଦ୍ୱାରା ଶାସିତ ହେଉଥିବା ମୌର୍ଯ୍ୟ ସାମ୍ରାଜ୍ୟ ପ୍ରାଚୀନ ଭାରତର ସର୍ବ ବୃହତ ତଥା ସବୁଠାରୁ ଶକ୍ତିଶାଳୀ ରାଜନୈତିକ ଏବଂ ସାମରିକ ସାମ୍ରାଜ୍ୟ ଥିଲା। ଆଧୁନିକ ବିହାର ଏବଂ ବଙ୍ଗଳାର ସିନ୍ଧୁ-ଗାଙ୍ଗେୟ ସମତଳ ଅଞ୍ଚଳରେ ମଗଧ ରାଜ୍ୟ ସ୍ଥାପିତ ହୋଇଥିଲା। ଏହାର





ରାଜଧାନୀ ପାଟଳୀପୁତ୍ର (ଆଧୁନିକ ପାଟଣା ନିକଟରେ) ଥିଲା । ଏହି ସାମ୍ରାଜ୍ୟକୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀ:ପୂ:୩୨୨ ମସିହାରେ ସ୍ଥାପନ କରିଥିଲେ । ସେ ନନ୍ଦରାଜାଙ୍କୁ ପରାଜିତ କରି ନିଜର ଶକ୍ତିକୁ ମଧ୍ୟଭାରତ ଓ ପଶ୍ଚିମ ଭାରତରେ ବିସ୍ତାର କରିଥିଲେ । ବିନ୍ଦୁସାରଙ୍କ ଦ୍ୱାରା ଭାରତର ମଧ୍ୟ ତଥା ଦକ୍ଷିଣ ପ୍ରଦେଶରେ ଉକ୍ତ ସାମ୍ରାଜ୍ୟର ବିସ୍ତାର କରାଯାଇଥିଲେ ମଧ୍ୟ କଳିଙ୍ଗ ନିକଟରେ ଥିବା ଏକ ଛୋଟ ଅନାବିଷ୍କୃତ, ଜନଜାତି ଅଧ୍ୟୁଷିତ ଜଙ୍ଗଲି ଅଞ୍ଚଳ ଉକ୍ତ ସାମ୍ରାଜ୍ୟଭୁକ୍ତ ହୋଇ ନଥିଲା ।

ଏକ ମହାସଂଗ୍ରାମରେ କଳିଙ୍ଗକୁ ଅଧିକାର କରିବା ପରେ ମହାନ ସମ୍ରାଟ୍ ଅଶୋକ ସୈନ୍ୟବାହିନୀ ଦ୍ୱାରା ରାଜ୍ୟ ବିସ୍ତାର ନୀତିକୁ ସମାପ୍ତ କରିଥିଲେ । ଏହା ଫଳରେ ଦକ୍ଷିଣ ଭାରତର ପାଣ୍ଡ୍ୟ ଓ ଚେର ରାଜ୍ୟ ଦ୍ୱୟ ମୌର୍ଯ୍ୟ ସମ୍ରାଟଙ୍କ ବସତି ସ୍ୱୀକାର କରି ନିଜ ନିଜର ସ୍ୱାଧୀନତାକୁ ରକ୍ଷା କରିପାରିଥିଲେ । ଇଂରେଜମାନଙ୍କ ଭାରତ ଆଗମନ ପର୍ଯ୍ୟନ୍ତ ଭାରତ ଉପମହାଦେଶକୁ ଶାସନ କରୁଥିବା ମୌର୍ଯ୍ୟ ସାମ୍ରାଜ୍ୟ ସମ୍ଭବତଃ ସର୍ବ ବୃହତ ସାମ୍ରାଜ୍ୟ ଥିଲା । ଅଶୋକଙ୍କ ଶାସନ ସମାପ୍ତିର ପଚାଶ ବର୍ଷ ପରେ ଉକ୍ତ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଥିଲା ଏବଂ ଖ୍ରୀ:ପୂ:୧୮୫ ମସିହାରେ ସୁଙ୍ଗ ବଂଶର ମଗଧରେ ପ୍ରତିଷ୍ଠା ସହିତ ମୌର୍ଯ୍ୟ ସାମ୍ରାଜ୍ୟର ପରିସମାପ୍ତି ଘଟିଥିଲା ।

## ୩୦.୬ ମୌର୍ଯ୍ୟକାଳୀନ ରାଷ୍ଟ୍ର

ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀ କୌଟିଲ୍ୟ (ଚାଣକ୍ୟ) “ଅର୍ଥଶାସ୍ତ୍ର” ରଚନା କରିଥିଲେ । ଏହା ଅର୍ଥନୀତି, ରାଜନୀତି, ବୈଦେଶିକ ବ୍ୟାପାର, ପ୍ରଶାସନ, ସାମରିକ କଳା, ଯୁଦ୍ଧ ତଥା ଧର୍ମ ଉପରେ ଆଧାରିତ ପ୍ରାଚ୍ୟ ମହାଭୂଖଣ୍ଡର ଗ୍ରନ୍ଥମାନଙ୍କ ମଧ୍ୟରୁ ଏହା ସର୍ବଶ୍ରେଷ୍ଠ । ପ୍ରତ୍ନତତ୍ୱବିତଙ୍କ ଅନୁସାରେ ଦକ୍ଷିଣ ଏସିଆରେ ମୌର୍ଯ୍ୟ ଶାସନ ସମୟ ଉତ୍ତର କୃଷ୍ଣ ମୃଣ୍ମୟ ପାତ୍ର (Northern Black Polished Ware) ଯୁଗର ସମସାମୟିକ । ଅର୍ଥଶାସ୍ତ୍ର ଏବଂ ଅଶୋକଙ୍କ ଶାସନାଦେଶ (ଅନୁଶାସନ)ଗୁଡିକ ମୌର୍ଯ୍ୟ କାଳର ଲିଖିତ ଅଭିଲେଖର ମୌଳିକ ଉପାଦାନ । ସାରନାଥରେ ଥିବା ଅଶୋକଙ୍କର ସିଂହ ସ୍ତମ୍ଭ ଭାରତ ସରକାରଙ୍କ ପ୍ରତୀକ ।

ମୌର୍ଯ୍ୟ ସାମ୍ରାଜ୍ୟ ବିଭିନ୍ନ ପ୍ରକାରର ରାଜନୈତିକ ସଂଗଠନ ତଥା ପରିବେଶିକ ଭୂମଣ୍ଡଳକୁ ନେଇ ଗଠିତ ହୋଇଥିଲା । ଏଥିରେ ବନବାସୀ, ଯାଯାବର, ମୁଖିଆ ତନ୍ତ୍ର ଏବଂ ଗଣସଂଘ ଅଥବା ରାଷ୍ଟ୍ରସଂଘ ପରି ଗୋଷ୍ଠୀତନ୍ତ୍ର ଇତ୍ୟାଦି ସାମିଲ ହୋଇଥିଲେ । ଉକ୍ତ ସାମ୍ରାଜ୍ୟରେ ଅନେକ ଛୋଟ ଛୋଟ ରାଷ୍ଟ୍ର ଅନ୍ତଃର୍ଭୁକ୍ତ ହୋଇଥିଲେ ଯାହାର ଶାସନ ବ୍ୟବସ୍ଥା ମଗଧଠାରୁ ଭିନ୍ନ ଥିଲା । ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳ ଯଥା:-କେନ୍ଦ୍ରାଞ୍ଚଳ, ମହାନଗରୀଗୁଡିକ ଏବଂ ସୀମାନ୍ତ ଅଞ୍ଚଳଗୁଡିକ ଅଲଗା ଅଲଗା ଢଙ୍ଗରେ ଶାସିତ ହେଉଥିଲା । ଏହି କାରଣରୁ ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟରେ ଏକ ପ୍ରକାର ଶାସନ ବ୍ୟବସ୍ଥା ନଥିଲା । କେନ୍ଦ୍ରାଞ୍ଚଳ ତଥା ମହାନଗରୀଗୁଡ଼ିକ ସିଧାସଳଖ ଭାବେ ରାଷ୍ଟ୍ରଦ୍ୱାରା ଶାସିତ ହେଉଥିବା ସମୟରେ ସୀମାନ୍ତ ଅଞ୍ଚଳଗୁଡ଼ିକୁ ସ୍ୱାୟତ୍ତତା ବା ଅତ୍ୟଧିକ ସ୍ୱାଧୀନତା ପ୍ରଦାନ କରାଯାଇଥିଲା କାରଣ ଏହି ଅଞ୍ଚଳରୁ କର ଏବଂ ରାଜଦେୟ ଆଦାୟକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିଲା । ପ୍ରଶାସନିକ ବ୍ୟବସ୍ଥା କହିଲେ ଏକ ଉଚ୍ଚତର ଅମଲାତନ୍ତ୍ରକୁ ବୁଝାଏ ଯାହାର ସଦସ୍ୟମାନଙ୍କୁ ସମାଜର ଉଚ୍ଚବର୍ଗରୁ ବଛାଯାଉଥିଲା ଏବଂ ସେମାନେ ମୋଟା ଅଙ୍କ ବିଶିଷ୍ଟ ଦରମା ପାଉଥିଲେ । ନିଯୁକ୍ତି ପାଇଁ କୌଣସି କେନ୍ଦ୍ରୀୟ ନିୟମ ନଥିବା ସ୍ଥଳେ ସ୍ଥାନୀୟ ଲୋକମାନଙ୍କୁ ମହାନଗରୀଠାରୁ ଦୂର ଅଞ୍ଚଳମାନଙ୍କରେ ନିଯୁକ୍ତି ପ୍ରଦାନ କରାଯାଉଥିଲା ।



ଟିପ୍ପଣୀ

ଅଶୋକଙ୍କ ଶାସନ କାଳରେ ମୌର୍ଯ୍ୟ ସାମ୍ରାଜ୍ୟକୁ ପାଞ୍ଚ ଭାଗରେ ସଂଗଠିତ କରାଯାଇଥିଲା । ମଗଧ ସହିତ ଅନ୍ୟ କିଛି ସଂଲଗ୍ନ ମହାଜନପଦଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ପ୍ରଶାସନର ଅଧୀନରେ ଅବସ୍ଥାପିତ ହୋଇଥିଲେ । ମେଘାସ୍ଥିନିସ୍‌ଙ୍କ ବୃତ୍ତାନ୍ତ ଏବଂ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ ସାମ୍ରାଜ୍ୟର କେନ୍ଦ୍ରାଞ୍ଚଳରେ ଅପେକ୍ଷାକୃତ କେନ୍ଦ୍ରୀଭୂତ ଶାସନ ଚାଲୁଥିଲା ।

## ୩୦.୭ ମୌର୍ଯ୍ୟ ଅମଲାତନ୍ତ୍ର

ମୌର୍ଯ୍ୟ ସାମ୍ରାଜ୍ୟକୁ ଚାରୋଟି ପ୍ରଦେଶରେ ବିଭକ୍ତ କରାଯାଇଥିଲା ଏବଂ ରାଜଧାନୀ ପାଟଳୀପୁତ୍ରରେ ଥିଲା । ଅଶୋକଙ୍କ ଅନୁଶାସନ ଅନୁସାରେ ଚାରୋଟି ପ୍ରଦେଶର ରାଜଧାନୀଗୁଡ଼ିକ ନାମଗୁଡ଼ିକ ହେଲା ତୋଷାଳୀ (ପୂର୍ବରେ), ଉଜ୍ଜୟୀନି (ପଶ୍ଚିମରେ), ସୁବର୍ଣ୍ଣଗିରି(ଦକ୍ଷିଣରେ) ଏବଂ ତକ୍ଷଶୀଳା (ଉତ୍ତରରେ) । ପ୍ରାଦେଶିକ ଶାସନର ମୁଖ୍ୟଙ୍କୁ କୁମାର (Kumara) କୁହାଯାଏ । ସେ ରାଜାଙ୍କ ପ୍ରତିନିଧି ହିସାବରେ ପ୍ରଦେଶକୁ ଶାସନ କରୁଥିଲେ । ମହାମାତ୍ୟ ଏବଂ ମନ୍ତ୍ରୀପରିଷଦ କୁମାରଙ୍କୁ ଶାସନରେ ସାହାଯ୍ୟ କରୁଥିଲେ । ଉକ୍ତ ସାଂଗଠନିକ ଗଠନ ପ୍ରଣାଳୀର ସର୍ବୋଚ୍ଚ ସ୍ଥାନରେ (Imperial Level) ସମ୍ରାଟ ଏବଂ ତାଙ୍କର ମନ୍ତ୍ରୀ ପରିଷଦ ପ୍ରତିଫଳିତ ହେଉଥିଲା । ଅମଲାତନ୍ତ୍ର (Bureaucracy)ର ଆବଶ୍ୟକତା ଜିତିଥିବା ଅଞ୍ଚଳ ସମାନ ରୂପରେ ପୁନଃଗଠନ କରିବା ପାଇଁ ନୁହେଁ ବରଂ ରାଜସ୍ୱର ପ୍ରବାହକୁ ସୁନିଶ୍ଚିତ କରବା ପାଇଁ ପଡ଼ିଥିଲା । ସାମ୍ରାଜ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିବାବେଳେ ରାଜସ୍ୱ ସହିତ ଜଡ଼ିତ ଥିବା ଏକ ଗୋଷ୍ଠୀର ଅଫିସରମାନଙ୍କ ବିଷୟରେ ଉଲ୍ଲେଖ ଅଛି ଯେ ସେମାନଙ୍କୁ କେନ୍ଦ୍ରିକ ଭାବରେ ନିଯୁକ୍ତି କରାଯାଉଥିଲା ଏବଂ ସେମାନଙ୍କୁ ନିଜ ନିଜ ଅଞ୍ଚଳରେ ଭ୍ରମଣ କରିବା ସଙ୍ଗେ ସଙ୍ଗେ ପ୍ରଜାମାନଙ୍କର ମଙ୍ଗଳ ପାଇଁ ଅନୁସନ୍ଧାନ କରିବାକୁ ପଡୁଥିଲା । ଜଳସେଚନ ବିକେନ୍ଦ୍ରୀକୃତ ହୋଇଥିବା ସ୍ଥଳେ କ୍ଷୁଦ୍ର ଯୋଜନା ମାଧ୍ୟମରେ ନଦୀ, ପୋଖରୀ, କୂଅ, ଝରଣା ତଥା ବନ୍ଧ କୁହାଯାଉଥିବା କୃତ୍ରିମ ଜଳାଶୟରୁ ଜଳ ନିଷ୍କାସନ କରାଯାଉଥିଲା । ବ୍ୟାପକ ଭାବେ ଜଳାଶୟ ଏବଂ ନଦୀବନ୍ଧଗୁଡ଼ିକୁ ସ୍ଥାନୀୟ ସମ୍ବଳ ଦ୍ୱାରା ନିର୍ମାଣ କରାଯାଉଥିବା ବେଳେ ନୂଆ ବସତି ଅଞ୍ଚଳମାନଙ୍କରେ ଜଳସେଚନ ପାଇଁ ସାମ୍ରାଜ୍ୟ ସହାୟତା ପ୍ରଦାନ କରୁଥିଲା । ପ୍ରମାଣରୁ ଜଣାଯାଏ ଯେ ଜଳସେଚନ ବ୍ୟବସ୍ଥାକୁ ସ୍ଥାନୀୟଭାବେ ନିୟନ୍ତ୍ରଣ କରାଯାଉଥିଲା ।

ମୌର୍ଯ୍ୟମାନେ ବାଣିଜ୍ୟ ବ୍ୟାପାରରୁ ରାଜସ୍ୱ ପାଇବା ପାଇଁ ଇଚ୍ଛୁକ ଥିଲେ । କିନ୍ତୁ ବାଣିଜ୍ୟ ବ୍ୟବସାୟକୁ ନିୟମିତ କରିବା ପାଇଁ କୌଣସି ସକ୍ରିୟ କାର୍ଯ୍ୟଭାର ଗ୍ରହଣ କରିନଥିଲେ । ସେମାନଙ୍କ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ଧାତବ ମୁଦ୍ରା ପ୍ରଚଳିତ ହୋଇନଥିବା ବିଷୟ ହିଁ ଉପରୋକ୍ତ ତଥ୍ୟକୁ ସୁଦୃଢ଼ କରୁଅଛି । ସେଠାରୁ ମିଳୁଥିବା ପଞ୍ଚମାର୍କ (Punch-mark)ମୁଦ୍ରାଗୁଡିକ ବ୍ୟବସାୟୀ ସମିତି (guild) ଅଥବା ସ୍ଥାନୀୟ ସଂସ୍ଥା ଦ୍ୱାରା ପ୍ରଚଳିତ ହୋଇଥିଲା । ରାଷ୍ଟ୍ର ବ୍ୟକ୍ତିଗତ ବ୍ୟବସାୟୀ ତଥା ବ୍ୟବସାୟୀକ ସମିତିଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କର ପନ୍ୟଦ୍ରବ୍ୟ ତଥା ଲାଭାଂଶକୁ ତଦାରଖ କରୁଥିଲେ । ଦ୍ରବ୍ୟର ବିକ୍ରୀ ବଜାରଗୁଡ଼ିକ ଟିକସ ଆଦାୟକାରୀଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱାଧିନ ଥିବାରୁ ଅନୁମାନ କରାଯାଏ ଯେ ସେଥିପାଇଁ ଉତ୍ପାଦନ ସ୍ଥଳରେ ଦ୍ରବ୍ୟର ବିକ୍ରୀ ପାଇଁ ଅନୁମତି ଦିଆଯାଉ ନଥିଲା । କଞ୍ଚାମାଲ୍‌ଠାରୁ ପଣ୍ୟ ଦ୍ରବ୍ୟ ପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଜିନିଷ ଉପରେ ରାଷ୍ଟ୍ର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଟିକସ ଆଦାୟ କରୁଥିଲା । ବିଶେଷ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ



ଟିପ୍ପଣୀ

କରାଯାଇଥିଲା । ସେମାନଙ୍କ ମୁଖ୍ୟ କାର୍ଯ୍ୟଥିଲା ମାନଦଣ୍ଡକୁ ସୁନିଶ୍ଚିତ କରିବା, ଜୁଆଚୋରୀ ଫାଙ୍କିକୁ ରୋକିବା ସଙ୍ଗେ ସଙ୍ଗେ ତା ସହିତ ସେହି ପଦାର୍ଥର ବାଣିଜ୍ୟ ବ୍ୟବସାୟକୁ ଅବରୋଧ କରିବା ଯାହା ରାଷ୍ଟ୍ରର ଏକଚାଟିଆ କାରବାର ଅନ୍ତର୍ଭୁକ୍ତ । ଯଥା:-ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ଧାତବ ତଥା ମୂଲ୍ୟବାନ ପଥର ଇତ୍ୟାଦି ଉପଯୋଗୀ ଜିନିଷର ଉତ୍ପାଦନ ସେଥିପାଇଁ ଏକ ସ୍ୱାଧୀନ ଦୁଃସାହସିକ କାର୍ଯ୍ୟ ଥିଲା ଯାହାକି ବଜାର ଅନୁକୂଳ ହେବା ସହିତ ଉକ୍ତ ବାଣିଜ୍ୟ ବ୍ୟବସାୟ ରାଷ୍ଟ୍ରର ରାଜସ୍ୱର ଏ ମୁଖ୍ୟ ସଂସାଧନ ଥିଲା ।

ଐତିହାସିକମାନଙ୍କ ମତ ଅନୁସାରେ ସାମ୍ରାଜ୍ୟର ସଂଗଠନ "ଅର୍ଥଶାସ୍ତ୍ର"ରେ କୌଟିଲ୍ୟଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ବିସ୍ତୃତ ଅମଲାତନ୍ତ୍ରର ଅନୁରୂପ ଥିଲା । ଅତ୍ୟାଧୁନିକ ନାଗରିକ ସେବା (Civil Service) ନଗରୀର ସ୍ୱାସ୍ଥ୍ୟରକ୍ଷା (Hygine) ଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ବାଣିଜ୍ୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସଞ୍ଚାଳିତ କରୁଥିଲା । ସେ ସମୟର ସୈନ୍ୟବାହିନୀ ସର୍ବବୃହତ ଓ ସ୍ଥାୟୀ ହୋଇଥିବାରୁ ସାମ୍ରାଜ୍ୟ ବିସ୍ତାର ତଥା ସୁରକ୍ଷା ସମ୍ଭବ ହୋଇଥିଲା । ମେଘାସ୍ଥନିସଙ୍କ ଅନୁସାରେ ସୈନ୍ୟବାହିନୀରେ ୬,୦୦,୦୦୦ ପଦାତିକବାହିନୀ, ୩୦,୦୦୦ ଅଶ୍ୱାରୋହି ଏବଂ ୯୦୦୦ ଯୁଦ୍ଧ ହସ୍ତି ଅନ୍ତର୍ଭୁକ୍ତ ଥିଲେ । ଏକ ବିଶାଳ ଗୁପ୍ତଚର ସଂସ୍ଥା ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା ପାଇଁ ଗୁପ୍ତ ତଥ୍ୟ ସଂଗ୍ରହ କରୁଥିଲେ । ଆକ୍ରମଣାତ୍ମକ ଯୁଦ୍ଧ ତଥା ସାମ୍ରାଜ୍ୟ ବିସ୍ତାରକୁ ପରିହାର କରିଥିଲେ ମଧ୍ୟ ଅଶୋକ ସାମ୍ରାଜ୍ୟର ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ପଶ୍ଚିମ ଏବଂ ଦକ୍ଷିଣ ଏସିଆରେ ସ୍ଥିରତା ଏବଂ ଶାନ୍ତି ବଜାଇ ରଖିବା ପାଇଁ ଏତେ ବିଶାଳ ସେନାବାହିନୀର ପୃଷ୍ଠପୋଷକତା କରିଥିଲେ ।

## ୩୦.୮ ପରବର୍ତ୍ତୀ ମୌର୍ଯ୍ୟକାଳୀନ ରାଷ୍ଟ୍ର

ପରବର୍ତ୍ତୀ ମୌର୍ଯ୍ୟକାଳୀନ ରାଜନୀତିକୁ ମଧ୍ୟ-ଏସିଆର ବିଜେତା ଯଥା:-ଇଣ୍ଡୋ-ଗ୍ରୀକ୍ (Indo-greek), ସକ, ପାର୍ଥିଆନ ଏବଂ କୁଶାଣମାନଙ୍କର ଆଗମନ ସୁସ୍ପଷ୍ଟ କରିଅଛି । ଏମାନେ ସ୍ଥାନୀୟ ରାଜାମାନଙ୍କ ଉପରେ ନିଜର ଶାସନ ଜାହିର କରିଥିଲେ । ଏହାଦ୍ୱାରା ସ୍ୱାମୀ ଏବଂ ସେବକର ସମ୍ପର୍କକୁ ଆଧାର କରି ଏକ ସଂଗଠନର ବିକାଶ ପାଇଁ ମାର୍ଗ ଫିଟି ଯାଇଥିଲା । ମଧ୍ୟ-ଏସିୟମାନେ "ରାଜା ହେଉଛନ୍ତି ଈଶ୍ୱରଙ୍କ ପ୍ରେରିତ ଦୂତ" ଚିନ୍ତାଧାରାକୁ ପ୍ରଭାବଶାଳୀ କରିଥିଲେ । କୁଶାଣ ରାଜାମାନେ ନିଜକୁ ଭଗବାନଙ୍କପୁତ୍ର ବୋଲି ଅଭିହିତ କରୁଥିଲେ । ମଧ୍ୟ-ଏସିୟମାନେ ମଧ୍ୟ ସତ୍ରାପି ପ୍ରଣାଳୀ ତଥା ସାମରିକ-ବଡ଼ଲାଟିଅ (Military governorship) ଅବସ୍ଥାର ପ୍ରାରମ୍ଭ କରିଥିଲେ ।

### ପାଠଗତ ପ୍ରଶ୍ନ ୩୦.୨

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

୧) "ଅର୍ଥଶାସ୍ତ୍ର" କିଏ ରଚନା କରିଥିଲେ ?

..............................................................................................

୨) ୭ମ ଓ ୮ମ ଶତାବ୍ଦୀରେ କୁମାର କହିଲେ କ'ଣ ବୁଝାଯାଏ ?

..............................................................................................

୩) ମେଘାସ୍ଥିନିସ୍ କିଏ ?

..........................................................................................

୪) ମୌର୍ଯ୍ୟ ଯୁଗର ଚାରୋଟି ପ୍ରଦେଶର ରାଜଧାନୀର ନାମ ଉଲ୍ଲେଖ କର ?

..........................................................................................

୫) ମେଘାସ୍ଥିନିସ୍‌ଙ୍କ ଅନୁସାରେ ମୌର୍ଯ୍ୟ ସାମ୍ରାଜ୍ୟର ସେନା ସଂଖ୍ୟା କେତେ ଥିଲା ?

..........................................................................................

## ୩୦.୯ ଗୁପ୍ତ ସାମ୍ରାଜ୍ୟ ବିସ୍ତାର

ଚତୁର୍ଥ ଶତାବ୍ଦୀର ସର୍ବ ବୃହତ ସାମ୍ରାଜ୍ୟ ଥିଲା ଗୁପ୍ତ ସାମ୍ରାଜ୍ୟ ଯିଏ ଭାରତ ଇତିହାସର ସୁବର୍ଣ୍ଣ ଯୁଗର ଅୟମାରମ୍ଭ କରିଥିଲା । ଉକ୍ତ ସାମ୍ରାଜ୍ୟ ଦୁଇ ଶତାବ୍ଦୀଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହିଥିଲା । ଏହା ଭାରତୀୟ-ଉପମହାଦେଶର ଅଧିକାଂଶ ଅଞ୍ଚଳ ଉପରେ ଆଚ୍ଛାଦିତ ହୋଇଥିଲା । ଏହାର ପ୍ରଶାସନ ମୌର୍ଯ୍ୟମାନଙ୍କଠାରୁ ଅଧିକ ବିକେନ୍ଦ୍ରୀକୃତ ତଥା ଶୁଙ୍ଗମାନଙ୍କଠାରୁ ଅଧିକ କେନ୍ଦ୍ରୀଭୂତ ଥିଲା । ରାଜାଙ୍କର ଦେବତ୍ୱ ସିଦ୍ଧାନ୍ତ (ରାଜାହିଁ ପରମ ପୁରୁଷ) ମତବାଦ ଗୁପ୍ତ ଯୁଗରେ ଅଧିକ ଲୋକପ୍ରିୟ ହୋଇଥିଲା । ଯୁଦ୍ଧ ଘୋଷଣା ଏବଂ ଛୋଟ ଛୋଟ ପଡ଼ୋଶି ରାଜ୍ୟ ସହିତ ବୈବାହିକ ସମ୍ପର୍କ ସ୍ଥାପନକୁ ବିକଳ୍ପ ଭାବେ ବ୍ୟବହାର କରିବା ଦ୍ୱାରା ପ୍ରତି ସମ୍ରାଟଙ୍କ ସମୟରେ ସାମ୍ରାଜ୍ୟର ସୀମାର ହ୍ରାସ-ବୃଦ୍ଧି ଘଟୁଥିଲା । ଗୁପ୍ତ ସାମ୍ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟ ଠାରୁ କମ୍ ହୋଇଥିଲେ ମଧ୍ୟ ଏହା ଉପମହାଦେଶର ଉତ୍ତରାର୍ଦ୍ଧ ତଥା ମଧ୍ୟଭାଗକୁ ପରିବେଷ୍ଟିତ କରିଥିଲା । ଗୁପ୍ତଯୁଗକୁ ମଧ୍ୟ "ସାମ୍ରାଜ୍ୟ ଯୁଗ" ବୋଲି କୁହାଯାଏ କିନ୍ତୁ ପ୍ରଶାସନିକ କେନ୍ଦ୍ରିକରଣ ଯାହାକୁ ସାମ୍ରାଜ୍ୟ ଯୁଗର ଏକ ବିଶିଷ୍ଟ ଅଙ୍ଗ ହିସାବରେ ଧରାଯାଏ ତାହା ମୌର୍ଯ୍ୟ ଯୁଗରେ ଅସ୍ପଷ୍ଟ ହୋଇଯାଇଥିଲା । ମୌର୍ଯ୍ୟମାନଙ୍କ ବିପରୀତ ଭାବେ ଗୁପ୍ତମାନେ ଅନ୍ୟ ରାଜାମାନଙ୍କୁ ନିଜର ଦାସ ଭାବେ କାର୍ଯ୍ୟ କରାଇବାର ମନୋବୃତ୍ତି ପୋଷଣ କରିଥିଲେ ଏବଂ ସେମାନେ ରାଜ୍ୟର ବିଭିନ୍ନ ଅଂଶକୁ ଏକ ଶାସନାଧିନ କରିବା ପାଇଁ ପ୍ରଚେଷ୍ଟା କରିନଥିଲେ । ଏହା ପରବର୍ତ୍ତୀ ମୋଗଲ ସାମ୍ରାଜ୍ୟ ପାଇଁ ଏକ ନମୁନା ହୋଇଥିଲା ତଥା ବ୍ରିଟିଶ ଶାସନ ଉକ୍ତ ମୋଗଲ ଦୃଷ୍ଟାନ୍ତ ଉପରେ ଗଠିତ ହୋଇଥିଲା ।

ଗୁପ୍ତ ଶାସକମାନେ ଅପେକ୍ଷାକୃତ ଅଜଣା ପରିବାରର ଥିଲେ ଏବଂ ମଗଧ ଅଥବା ପୂର୍ବ ଉତ୍ତର ପ୍ରଦେଶରୁ ଆସିଥିଲେ । ଏହାର ତୃତୀୟ ରାଜା ପ୍ରଥମ ଚନ୍ଦ୍ରଗୁପ୍ତ "ରାଜାଧିରାଜ" ଉପାଧିଗ୍ରହଣ କରିଥିଲେ । ସେ ଲଚ୍ଛାଭିର ରାଜକୁମାରୀଙ୍କୁ ବିବାହ କରିଥିଲେ ଏବଂ ଏହାକୁ ପାଳନ କରିବା ପାଇଁ ଅନେକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । କଥିତ ଅଛି ଯେ ଯଦି ଗୁପ୍ତ ରାଜାମାନେ ପ୍ରୟାଗକୁ ଶାସନ କରୁଥିଲେ (ପ୍ରୟାଗ ଆଧୁନିକ ଏଲ୍‌ହାବାଦ) ଉକ୍ତ ବିବାହ ସମ୍ବନ୍ଧ ମଗଧକୁ ତାଙ୍କ ସାମ୍ରାଜ୍ୟ ସହିତ ଯୋଡ଼ିଥିଲେ । ଖ୍ରୀ: ୩୨୦ରେ ଗୁପ୍ତଯୁଗ ଆରମ୍ଭ ହୋଇଥିଲା । ସମୁଦ୍ରଗୁପ୍ତଙ୍କ ବିଷୟରେ ଖୋଦିତ ହୋଇଥିବା ଏଲ୍‌ହାବାଦ ସ୍ତମ୍ଭ ଲିପିରୁ ଜଣାଯାଏ ଯେ ଚନ୍ଦ୍ରଗୁପ୍ତ ତାଙ୍କର ଉତ୍ତରାଧିକାରୀ ଭାବରେ ପୁତ୍ର ସମୁଦ୍ରଗୁପ୍ତଙ୍କୁ ଖ୍ରୀ: ୩୩୦ରେ ଚୟନ କରିଥିଲେ । କାଚ ନାମକ ଏକ ଅଜଣା ରାଜାଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରାରୁ ଜଣାଯାଏ ଯେ ଗୁପ୍ତ ସିଂହାସନ ପାଇଁ ଅନେକ ଆଶାୟୀ ଥିଲେ । ସମୁଦ୍ରଗୁପ୍ତ ବିଭିନ୍ନ ଦିଗରେ ସୈନ୍ୟ ଚାଳନା



ଟିପ୍ପଣୀ

କରି ବିଜୟୀ ହୋଇଥିଲେ। ଯୁଦ୍ଧରେ ଜିତି ଯେଉଁମାନଙ୍କ ରାଜ୍ୟ ସେ ଫେରାଇଦେଲେ ସେମାନେ ରାଜାଙ୍କର ଆଜ୍ଞା ପାଳନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ସମଗ୍ର ଆର୍ଯ୍ୟାବର୍ତ୍ତର ରାଜାମାନେ, ବିଭିନ୍ନ ଜଙ୍ଗଲି ରାଜ୍ୟର ମୁଖିଆମାନେ, ଉତ୍ତରରେ ଥିବା ଗୋଷ୍ଠୀ ତନ୍ତ୍ରର ଅଧିକାରୀ ମାନେ ତଥା ପୂର୍ବରେ ଥିବା ସୀମାନ୍ତ ରାଜ୍ୟର ରାଜାମାନଙ୍କ ସହିତ ନେପାଳର ରାଜା ସମୁଦ୍ରଗୁପ୍ତ ଅଧିକାର କରିଥିବା ଦୂରବର୍ତ୍ତି ଅଞ୍ଚଳଗୁଡିକୁ "ଅଧିନସ୍ଥ" କୁହାଯାଉଥିଲା। ଏମାନଙ୍କ ମଧ୍ୟରେ ଥିଲେ ଉତ୍ତର ପଶ୍ଚିମର "ରାଜାମାନଙ୍କର ରାଜା", ଶକ ମୁରଣ୍ଡା ଏବଂ ସିଂହଳ (ଶ୍ରୀଲଙ୍କା) ସହିତ "ସର୍ବ-ଦ୍ୱୀପର ନିବାସୀ ସମ୍ମିଳିତ ଥିଲେ। ଏମାନେ ସମସ୍ତେ ଏଲ୍‌ହାବାଦ ପ୍ରସସ୍ତିରେ ଲିପିବଦ୍ଧ ହୋଇଛନ୍ତି। ଗାଙ୍ଗେୟ ଉପତ୍ୟକା ତଥା ମଧ୍ୟଭାରତ ସମ୍ରାଟଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ସମୁଦ୍ରଗୁପ୍ତଙ୍କ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ପ୍ରାୟ ୩୮୦ ଖ୍ରୀ:ରେ ସିଂହାସନ ଆରୋହଣ କରିଥିଲେ। କେତେକ ସାକ୍ଷ ପ୍ରମାଣ ଅନୁସାରେ ଏଇ ଦୁଇ ସମ୍ରାଟଙ୍କ ମଧ୍ୟରେ ରାମଗୁପ୍ତ ନାମକ ଜଣେ ରାଜା ଥିବାର ଜଣାପଡ଼େ। ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମୁଖ୍ୟ ଯୁଦ୍ଧ ଉଜ୍ଜୟୀନିର ଶକ, ରାଜାଙ୍କ ବିରୁଦ୍ଧରେ ଥିଲା। ଏହାର ସଫଳତାକୁ ପାଳନ କରି ସେ କେତେକ ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ।

ଦାକ୍ଷିଣାତ୍ୟର ଉତ୍ତରାଞ୍ଚଳ ସହିତ ସଂଲଗ୍ନ ଗୁପ୍ତରାଜ୍ୟ ସାତବାହାନମାନଙ୍କର ଉତ୍ତରାଧିକାରୀ ଭାକାଟକ ବଂଶ ସହିତ ବୈବାହିକ ସମ୍ପର୍କ ଦ୍ୱାରା ସୁରକ୍ଷିତ ହୋଇ ରହିଥିଲା। ଯଦିଓ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ (ସୂର୍ଯ୍ୟପୁତ୍ର) ଉପାଧିରେ ଭୂଷିତ ହୋଇଥିଲେ ତାଙ୍କର ଶାସନକାଳନ ସୈନ୍ୟ ଯୁଦ୍ଧ ଅପେକ୍ଷା ଅତ୍ୟଧିକ ସାଂସ୍କୃତିକ ଏବଂ ବୌଦ୍ଧିକ ସଫଳତା ସହିତ ଜଡ଼ିତ ଥିଲା। ତାଙ୍କର ସମସାମୟିକ ଚୀନ ଦେଶର ବୌଦ୍ଧଭିକ୍ଷୁ ଫାହୀୟାନ ଭାରତ ଭ୍ରମଣରେ ଆସି ଭାରତ ବିଷୟରେ ତାଙ୍କର ଅନୁଭୂତିର ଏକ ବିବରଣୀ ଲେଖିଯାଇଛନ୍ତି।

## ୩୦.୧୦ ଗୁପ୍ତ ଯୁଗରେ ରାଷ୍ଟ୍ରର ସ୍ୱରୂପ

ଶିଳାଲିପିରୁ ଜଣାଯାଏ ଯେ ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ଶାସନ କାଳରୁ ଆରମ୍ଭ କରି ପରବର୍ତ୍ତି ସମୟରେ ଗୁପ୍ତରାଜାମାନେ "ମହାରାଜାଧିରାଜ", ପରମରାଜାଧିରାଜ, ରାଜାଧିରାଜଶ୍ରୀ, "ରାଜାରାଜାଧିରାଜ" ଉପାଧିରେ ଭୂଷିତ ହେଉଥିଲେ। ଏଲ୍‌ହାବାଦ ସ୍ତମ୍ଭଲିପିରେ ସମୁଦ୍ରଗୁପ୍ତଙ୍କୁ ପୃଥିବୀରେ ବସବାସ କରୁଥିବା ଭଗବାନ ହିସାବରେ ଉଲ୍ଲେଖ କରାଯାଇଅଛି। ଐତିହାସିକ ବିବରଣୀ ଅନୁସାରେ ତାଙ୍କୁ କୁବେର, ଇନ୍ଦ୍ର ହିସାବରେ ମଧ୍ୟ ଉଲ୍ଲେଖ କରାଯାଇଅଛି। ବଂଶାନୁଗତ ଉତ୍ତରାଧିକାରୀ ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ରାଜା ନିଜର ଉତ୍ତରାଧିକାରୀ ଚୟନ କରୁଥିଲେ। ଗୁପ୍ତମାନଙ୍କ ଦ୍ୱାରା ଅଧିକୃତ କେତେକ ରାଜ୍ୟମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା। ଏମାନେ ପରାସ୍ତ ହୋଇ ବଶତା ସ୍ୱୀକାର କରିଥିଲେ ମଧ୍ୟ ଏମାନଙ୍କୁ ସାମ୍ରାଜ୍ୟଭୁକ୍ତ କରିନଥିଲେ। ଏପ୍ରକାର କରଦ ରାଜ୍ୟଗୁଡ଼ିକ ଗୁପ୍ତଶାସକଙ୍କୁ ରାଜଦେୟ (Tribute) ଦେଉଥିଲେ ମଧ୍ୟ ବେଳେବେଳେ ସେମାନଙ୍କ ମଧ୍ୟରୁ କେତେକ ଗୁପ୍ତମାନଙ୍କୁ ସେମାନଙ୍କର ସାମନ୍ତ ବୋଲି ନିଜନିଜର ସରକାରୀ ଅଭିଲେଖରେ ଲିପିବଦ୍ଧ କରିନଥିଲେ। ଭୂମିଦାନ ତଥା ସାତବାହାନଙ୍କ ଗ୍ରାମଦାନ ପରମ୍ପରା ଗୁପ୍ତଯୁଗରେ ଚାଲୁ ରହିଥିଲା। ଉକ୍ତ ଅନୁଦାନ ସହିତ ପ୍ରଶାସନିକ ଅଧିକାର ମଧ୍ୟ ନ୍ୟସ୍ତ ହୋଇଥିଲା। ଏହାଦ୍ୱାରା ପ୍ରଶାସନିକ ପ୍ରାଧିକାରର ବିକେନ୍ଦ୍ରୀକରର ହେଉଥିଲା। ଜମି ଗ୍ରହଣକାରୀଙ୍କୁ ଉପସାମନ୍ତର ଅଧିକାର ଦିଆଯାଉଥିଲା। ମଧ୍ୟ ଭାରତ ଏବଂ ପଶ୍ଚିମ ଭାରତରେ

ଗ୍ରାମବାସୀମାନେ ବେଠି (forced labour) ଖଟିବାକୁ ବାଧ୍ୟ ହେଉଥିଲେ, ଏହାକୁ ଭିଷ୍ଟି (visti) କୁହାଯାଏ । ଏହା ଗ୍ରାମର ସମସ୍ତ ବର୍ଗର ଲୋକଙ୍କ ପ୍ରତି ଲାଗୁ ହେଉଥିଲା ।

## ୩୦.୧୧ ଗୁପ୍ତ ଶାସନ

ଶାସନ ଦୃଷ୍ଟିରୁ ଗୁପ୍ତ ସାମ୍ରାଜ୍ୟକୁ କେତେକ ପ୍ରଦେଶରେ ବିଭକ୍ତ କରାଯାଇଥିଲା । ଯାହାକୁ ଦେଶ ବା ଭୁକ୍ତି (Bhukti) କୁହାଯାଉଥିଲା । ପୁନର୍ବାର ଏଗୁଡ଼ିକ ଛୋଟ ଛୋଟ ପ୍ରଦେଶ ବା ବିଷୟରେ ବିଭାଜିତ ହୋଇଥିଲା । ଦେଶ ବା ଭୁକ୍ତିଗୁଡ଼ିକ କୁମାରମାତ୍ୟଙ୍କ ଦ୍ୱାରା ଶାସିତ ହେଉଥିଲା । ସେ ଜଣେ ଉଚ୍ଚ କ୍ଷମତା ସମ୍ପନ୍ନ ଅଧିକାରୀ ଅଥବା ରାଜପରିବାରର ସଦସ୍ୟ ଥିଲେ । କ୍ଷୁଦ୍ରାଞ୍ଚଳକୁ ଶାସନ କ୍ଷମତାର ହସ୍ତାନ୍ତରିକରଣ ମ୍ୟୁନିସ୍‌ପାଲ୍‌ଟି ବୋର୍ଡ଼ର ଗଠନରୁ ପ୍ରମାଣିତ ହୁଏ । ଏହା ନଗର ଶ୍ରେଷ୍ଠିନ୍ (Guild President), ସାର୍ଥବାହ (The Chief Merchant) ଏବଂ କାରୀଗର ତଥା ଲିପିକାର (Scribe) ମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିଲା । ଏହି ସମୟରେ ପଡ଼ୋଶି ରୂପରେ ବ୍ୟବହାର ହେଉଥିବା ଶବ୍ଦ ସାମନ୍ତକୁ ଜମି ଗ୍ରହଣ କରିଥିବା ମଧ୍ୟସ୍ଥ ଅଥବା ପରାଜୟ ବରଣ କରିଥିବା ରାଜାମାନଙ୍କ କ୍ଷେତ୍ରରେ ବ୍ୟବହାର ହେବାରେ ଆରମ୍ଭ ହୋଇଥିଲା । କେତେକ ଉଚ୍ଚ ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ବଂଶାନୁଗତ କରିବାର ପ୍ରକ୍ରିୟା ଦେଖିବାକୁ ମିଳିଥିଲା । ଅଧିକୃତ ଅଞ୍ଚଳ ଉପରେ କଡ଼ା ନିୟନ୍ତ୍ରଣ ଅଭାବରେ ସେଗୁଡ଼ିକ ପୁନର୍ବାର ସ୍ୱାଧୀନ ହୋଇଯାଉଥିଲେ । ଏଥିପାଇଁ ଆବଶ୍ୟକ ପଡୁଥିବା ସାମରୀକ ପଦକ୍ଷେପର ପୁନରାବୃତ୍ତି ରାଷ୍ଟ୍ରର ସମ୍ବଳକୁ ଦୁର୍ବଳ କରୁଥିଲା । ଗୁପ୍ତ ସମ୍ରାଟମାନେ ଏକ ସ୍ଥାୟୀ ବିଶାଳ ସୈନ୍ୟବାହିନୀ ସ୍ଥାପନ କରିଥିଲେ । ଅଶ୍ୱାରୋହୀ ତଥା ଅଶ୍ୱାରୋହୀ ଧନୁର୍ଦ୍ଧରମାନଙ୍କର ଉପଯୋଗ ସେନାବାହିନୀ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଥିଲା । ସୀମାନ୍ତ ଅଞ୍ଚଳର ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିଲା । ଭୂ-କର ତଥା ଅବକାରୀ ଟିକସ ଆଦାୟ କରାଯାଉଥିଲା । ନ୍ୟାୟ ବ୍ୟବସ୍ଥାର ବିକାଶ ହେବା ସହିତ ଅନେକ ଆଇନ ସମ୍ବନ୍ଧୀୟ ପୁସ୍ତକ ଲେଖାଯାଇଥିଲା । ପ୍ରଥମ ଥର ପାଇଁ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ପୃଥକ କରାଯାଇଥିଲା ।

## ୩୦.୧୨ ପରବର୍ତ୍ତୀ ଗୁପ୍ତକାଳରେ ଭାରତୀୟ ରାଜନୀତି

ହର୍ଷବର୍ଦ୍ଧନ ତଥା ଅନୁକ୍ରମିକ ରାଜବଂଶ ଯଥା:- ପାଳ, ପ୍ରତିହାର, ରାଷ୍ଟ୍ରକୁଟ ଏବଂ ଚାଲୁକ୍ୟଙ୍କ ସମୟରେ ଶାସନ ବ୍ୟବସ୍ଥା ବଂଶାନୁଗତ ରାଜାଙ୍କର ବ୍ୟକ୍ତିତ୍ୱ ଉପରେ କେନ୍ଦ୍ରୀଭୂତ ହୋଇଥିଲା । କରଦ ରାଜ୍ୟ ବ୍ୟବସ୍ଥା ଅତ୍ୟଧିକ ପ୍ରଚଳିତ ଥିଲା । ରାଜା ଏବଂ ତାଙ୍କର କରଦ ରାଜ୍ୟ ମଧ୍ୟରେ ହେଉଥିବା ବାରମ୍ବାର ଯୁଦ୍ଧ ରାଜନୈତିକ ସ୍ଥିତିକୁ ଅସ୍ଥିର କରି ଦେଇଥିଲା । ରାଷ୍ଟ୍ରର ସୀମା ଶାସକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଶାସିତ ଅଞ୍ଚଳ ତଥା ନିଜ ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ କ୍ଷମତା ପ୍ରାପ୍ତ ହୋଇଥିବା ଅନୁଗତ ରାଜାମାନଙ୍କର ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । କରଦ ରାଜାଙ୍କର କେତେକ ନୈତିକ ଦାୟୀତ୍ୱ ଥିଲା ଯଥା:-ଅନୁଗତରାଜାଙ୍କ ପ୍ରତି ଆନୁଗତ୍ୟ, ନିର୍ଦ୍ଧାରିତ ରାଜଦେୟ ପଇଠ କରିବା ତଥା ନିର୍ଦ୍ଦିଷ୍ଟ ସଂଖ୍ୟକ ସେନା ଯୋଗାଇ ଦେବା । କ୍ରମେ ସରକାର ସାମନ୍ତବାଦୀ ହୋଇଯାଉଥିଲେ ।

## ୩୦.୩ ପାଠଗତ ପ୍ରଶ୍ନ - ଶୂନ୍ୟସ୍ଥାନ ପୂରଣ କର ।

୧) ଚତୁର୍ଥ ଶତାବ୍ଦିର ସର୍ବଶ୍ରେଷ୍ଠ ସାମ୍ରାଜ୍ୟ ............. ଥିଲା ।



ଟିପ୍ପଣୀ

୨) ତୃତୀୟ ରାଜା .................. ପଦବୀ ଧାରଣ କରିଥିଲେ ।

୩) ସମୁଦ୍ରଗୁପ୍ତଙ୍କର ଉତ୍ତରାଧିକାରୀ ................... ଥିଲେ ।

୪) ............ଙ୍କ ସମକାଳୀନ ଫାହିୟାନ ଜଣେ ............. ଥିଲେ ଯିଏ ଭାରତ ଭ୍ରମଣରେ ଆସିଥିଲେ ଏବଂ ତାଙ୍କର ଏକ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି ।

---

## ୩୦.୧୩ ଦକ୍ଷିଣ ଭାରତର ଚୋଳ ରାଷ୍ଟ୍ର

ଏହି ସମୟରେ ଚୋଳମାନେ ଏହି ଉପମହାଦେଶର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବଂଶ ରୂପେ ବିଦ୍ୟମାନ ଥିଲେ ଯଦିଓ ସେମାନଙ୍କର କାର୍ଯ୍ୟକଳାପ ମୁଖ୍ୟତଃ ଉପଦ୍ୱୀପ ତଥା ଦକ୍ଷିଣ ପୂର୍ବ ଏସିଆକୁ ପ୍ରଧାନତଃ ପ୍ରଭାବିତ କରୁଥିଲା । ନବମ ଶତାବ୍ଦୀରେ ବିଜୟାଳୟଙ୍କ ଶାସନ କାଳରେ ତାନ୍‌ଜାଭର (Tanjavur) ଚୋଳ ଶକ୍ତିର ମୂଳପିଣ୍ଡ (Nucleus) ଥିଲା । ସେଠାରୁ ଚୋଳମାନେ ଉତ୍ତର ଆଡ଼କୁ ବିସ୍ତାରିତ ହୋଇ ଦଶମ ଶତାବ୍ଦୀରେ ପଲ୍ଲଭ ବଂଶର ଅବଶିଷ୍ଟାଂଶକୁ ଅଧିକାର କରିଥିଲେ । ଦକ୍ଷିଣରେ ସେମାନେ ପାଣ୍ଡ୍ୟମାନଙ୍କ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ରାଜପରିବାର ବ୍ୟତୀତ ମନ୍ଦିର ଅଧିକାରୀ, ଗ୍ରାମ ପରିଷଦ ତଥା ବ୍ୟବସାୟୀକ ସଂଘ (Guild)ଗୁଡିକ ଅନେକ ସଂଖ୍ୟାରେ ତଥା ଲମ୍ବା ଲମ୍ବା ଅଭିଲେଖ (Inscription) ଜାରି କରିଥିବାରୁ ଚୋଳ ଇତିହାସକୁ ବିସ୍ତୃତ ଭାବରେ ପୁନଃ ଲିଖନ କରିହେବ । ପ୍ରାନ୍ତକ-୧ (ଖ୍ରୀ:୯୦୭-ଖ୍ରୀ୯୫୩)ସାମ୍ରାଜ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେ ସାମ୍ରାଜ୍ୟର ଉତ୍ତରସୀମା ନେଲୋର (Nellor)ପର୍ଯ୍ୟନ୍ତ ବିସ୍ତାର କରିଥିଲେ ଯେଉଁଠାରେ ସେ ରାଷ୍ଟ୍ରକୁଟ ରାଜା କ୍ରିଷ୍ଣ-୩ଙ୍କ ଦ୍ୱାରା ପରାସ୍ତ ହୋଇ ଯୁଦ୍ଧ ଅଭିଜାନକୁ ପରିସମାପ୍ତି କରିଥିଲେ । ପ୍ରାନ୍ତକ ଦକ୍ଷିଣରେ ଉଭୟ ପାଣ୍ଡ୍ୟ ଓ ଗଙ୍ଗମାନଙ୍କୁ ପରାସ୍ତ କରି ଅଧିକ ସଫଳତା ଅର୍ଜନ କରିଥିଲେ । ଶ୍ରୀଲଙ୍କା ବିରୁଦ୍ଧରେ ସେ ମଧ୍ୟ ଏକ ଆକ୍ରମଣ କରିଥିଲେ ମାତ୍ର ଏଥିରେ ସେ ସଫଳ ହୋଇପାରିନଥିଲେ । ତାଙ୍କ ମୃତ୍ୟୁର ତିରିଶ ବର୍ଷ ପର୍ଯ୍ୟନ୍ତ ଅନେକ ପରସ୍ପର ବ୍ୟାପ୍ତ (Overlapping) ଶାସକମାନେ ଚୋଳ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିପାରିନଥିଲେ । ତତ୍‌ପଶ୍ଚାତ୍ ଦୁଇଜଣ ଶ୍ରେଷ୍ଠ ଶାସକଙ୍କ ଆବିର୍ଭାବ ଫଳରେ ଅତି ଶିଘ୍ର ଚୋଳ ଶକ୍ତିର ପୁନଃସ୍ଥାପିତ କରିଥିଲେ ଏବଂ ସାମ୍ରାଜ୍ୟକୁ ତାର ଶୀର୍ଷସ୍ଥାନରେ ପହଞ୍ଚାଇ ଥିଲେ । ଏ ଦୁଇଜଣ ହେଲେ ରାଜାରାଜା-୧ ଏବଂ ରାଜେନ୍ଦ୍ର ଚୋଳ ।

ରାଜରାଜ(ଖ୍ରୀ:୯୮୫ଖ୍ରୀ:୧୦୧୪) ପାଣ୍ଡ୍ୟ ଏବଂ ଇଲାମଣ୍ଡଳମ (Sri Lanka) ବିରୁଦ୍ଧରେ ସୈନ୍ୟ ଚାଳନ କରି ନିଜର ଶକ୍ତି ପ୍ରତିଷ୍ଠାର ଅୟମାରମ୍ଭ କରିଥିଲେ । ଶ୍ରୀଲଙ୍କାର ଉତ୍ତରାଞ୍ଚଳ ଚୋଳ ସାମ୍ରାଜ୍ୟର ଏକ ପ୍ରାନ୍ତ (Province) ହୋଇଥିଲା । ଗଙ୍ଗ ଏବଂ ଚାଲୁକ୍ୟ ବିରୁଦ୍ଧରେ ଯୁଦ୍ଧ କରି ଚୋଳ ସାମ୍ରାଜ୍ୟର ସୀମାରେଖା ଉତ୍ତରରେ ତୁଙ୍ଗଭଦ୍ରା ନଦୀ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ପୂର୍ବ ଉପକୂଳରେ ଭେଙ୍ଗି (vengi)କୁ ଅଧିକାର କରିବା ପାଇଁ ଚାଲୁକ୍ୟ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଏକ ବୈବାହିକ ସମ୍ପର୍କ ଚୋଳ ଶାସକମାନଙ୍କୁ ନ୍ୟାୟସଙ୍ଗତ ସ୍ଥିତି ପ୍ରଦାନ କରିଥିଲା କିନ୍ତୁ ଭେଙ୍ଗି ବିବାଦମାନ ସ୍ଥିତିରେ ଥିଲା । ଏକ ନୌ ଯୁଦ୍ଧ ଦ୍ୱାରା ମାଳଦ୍ୱୀପର ଦ୍ୱୀପ ସମୁହ, ମାଲାବାର ଉପକୂଳ ଏବଂ ଉତ୍ତର ଶ୍ରୀଲଙ୍କା ଆଦିକୁ ଅଧିକୃତ କରିଥିଲେ । ଏ ସବୁଗୁଡିକ ଦକ୍ଷିଣପୂର୍ବ ଏସିଆ, ଆରବ ତଥା ପୂର୍ବ ଆଫ୍ରିକା ସହିତ ଚୋଳମାନଙ୍କର ବାଣିଜ୍ୟ ବ୍ୟବସାୟ ଉପରେ

ନିୟନ୍ତ୍ରଣ ସ୍ଥାପନ କରିବା ପାଇଁ ଅନିବାର୍ଯ୍ୟ ଥିଲା । ଏଗୁଡ଼ିକ ଆରବର ବ୍ୟାପାରୀ ଏବଂ ଦକ୍ଷିଣ-ପୂର୍ବ-ଏସିଆ ତଥା ଚୀନକୁ ଯାଉଥିବା ଜାହାଜମାନଙ୍କର ଗମନାଗମନର କେନ୍ଦ୍ର ଥିଲା ତଥା ୟୁରୋପରେ ଚଢ଼ାଦାମ୍‌ରେ ବିକ୍ରି ହେଉଥିବା ମସଲାର ଉତ୍ପତ୍ତିସ୍ଥଳ ଥିଲା ।

ରାଜାରାଜ-୧ଙ୍କ ପୁତ୍ର ରାଜେନ୍ଦ୍ର ନିଜ ପିତାଙ୍କ ଶାସନ କାର୍ଯ୍ୟରେ ୧୦୧୨ଖ୍ରୀ ରୁ ଅଂଶିଦାର ଥିଲେ ଏଂ ତାର ଦୁଇବର୍ଷ ପରେ ତାଙ୍କର ଉତ୍ତରାଧିକାରୀ ହୋଇ ୧୦୪୪ଖ୍ରୀ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ଉତ୍ତରରେ ରାୟଚୁର ଓ ଦୋଆବକୁ ସାମ୍ରାଜ୍ୟଭୁକ୍ତ କରି ଚାଲୁକ୍ୟ ରାଜ୍ୟର ହୃଦୟ କେନ୍ଦ୍ର କୁହାଯାଉଥିବା ମାନ୍ୟଖେତାରେ ପ୍ରବେଶ କରିଥିଲେ । ମହେନ୍ଦ୍ର ୫ମ ଙ୍କ ବିରୁଦ୍ଧରେ ଶ୍ରୀଲଙ୍କାର ବିଦ୍ରୋହର ସୁଯୋଗ ନେଇ ରାଜେନ୍ଦ୍ର ଦକ୍ଷିଣ ଶ୍ରୀଲଙ୍କା ବିଜୟ କରିଥିଲେ । ୧୦୧୧-୧୨ମସିହାରେ ସେ ପ୍ରସିଦ୍ଧ ଉତ୍ତରାଞ୍ଚଳ ବିଜୟରେ ବାହାରିଥିଲେ । ଚୋଳ ସୈନ୍ୟବାହିନୀ ପୂର୍ବ ଉପକୂଳରେ ବଙ୍ଗଳା ପର୍ଯ୍ୟନ୍ତ ଏବଂ ତାପରେ ଗଙ୍ଗାନଦୀର ଉତ୍ତରାଞ୍ଚଳରେ ସୈନ୍ୟ ଅଭିଯାନ କରିଥିଲେ । ଏହା ଚତୁର୍ଥ ଶତାବ୍ଦୀର ସମୁଦ୍ରଗୁପ୍ତଙ୍କ କାଞ୍ଚିପୁରମ ଅଭିଯାନର ପୁରାପୁରି ବିପରିତ ଥିଲା । ୧୦୨୫ ମସିହାରେ ଦକ୍ଷିଣପୂର୍ବ ଏସିଆର ଶ୍ରୀଭିଜୟ ରାଜ୍ୟ ବିରୁଦ୍ଧରେ ନୌଯୁଦ୍ଧ ହିଁ ଥିଲା ତାଙ୍କର ସବୁଠାରୁ ଅଧିକ ଦୃଷ୍ଟିଆକର୍ଷଣକାରୀ ଯୁଦ୍ଧ । ଭାରତୀୟ ଜାହାଜମାନଙ୍କ ଉପରେ ହସ୍ତକ୍ଷେପ ତଥା ଦକ୍ଷିଣଚୀନ ସହିତ ସିଧା କାରବାର କରିବା ପାଇଁ ବାଣିଜ୍ୟିକ ପ୍ରୟାସ ଥିଲା ଶ୍ରୀଭିଜୟ ତଥା ପଡୋଶି ଅଞ୍ଚଳ ଉପରେ ଆକ୍ରମଣର ମୁଖ୍ୟ କାରଣ । ଚୋଳମାନଙ୍କର ଏହି ବିଜୟ ଦ୍ୱାରା ଏହି ସମ୍ବନ୍ଧକୁ ପୂନଃ ସ୍ଥାପିତ କରାଯାଇଥିଲା ଏବଂ ସାରା ଏକାଦଶ ଶତାବ୍ଦୀରେ ଚୋଳ ବାଣିଜ୍ୟିକ ପ୍ରତିନିଧିମଣ୍ଡଳ ଚୀନ ଭ୍ରମଣରେ ଯାଉଥିଲେ ।

## ୩୦.୧୪ ଚୋଳ ଶାସନର ବିକାଶ

ଖ୍ରୀ ୮୫୦ ରୁ ଖ୍ରୀ:୧୨୦୦ ମଧ୍ୟରେ ଚୋଳରାଜ୍ୟ ନିଜର ଅଦ୍ୱିତୀୟତା ତଥା ସଂସ୍କାର ବାଦିତା (Innovativeness) ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ସମଗ୍ର ଦକ୍ଷିଣ ଭାରତକୁ ଏକ ଶାସନାଧୀନ କରିବା ପାଇଁ ସର୍ବପ୍ରଥମେ ଚୋଳ ବଂଶ ଚେଷ୍ଟା କରିଥିଲେ ଏବଂ ବହୁମାତ୍ରାରେ କୃତକାର୍ଯ୍ୟ ମଧ ହୋଇଥିଲେ । ସରକାରଙ୍କ ସ୍ୱରୂପ (form) ଏବଂ ଗତିବିଧି (Protocol) କୁ ସମସାମୟିକ ସରକାରର ସ୍ୱରୂପ ସହିତ ତୁଳନା କରି ନହେଲେ ମଧ ଚୋଳ ସାମ୍ରାଜ୍ୟ ଆମ୍ଭ ଇତିହାସର ଏକ ସୁଖପ୍ରଦ ସମୟଥିଲା ଯେତେବେଳେ ପୁରାତନ ବୋଲି ବୋଧଗମ୍ୟ ହେଲେ ମଧ ସରକାର ଏବଂ ଲୋକଙ୍କ ଚେଷ୍ଟାରେ ମହାନ କାର୍ଯ୍ୟଗୁଡ଼ିକୁ ସଫଳତାର ସହିତ ହାସଲ କରାଯାଇଥିଲା ।

ରାଜା ସର୍ବୋଚ୍ଚ ସେନାପତି, ପ୍ରଜାହିତକାରୀ ଅସୀମ କ୍ଷମତା ପ୍ରାପ୍ତ ବ୍ୟକ୍ତି ଥିଲେ । ଶାସନ ବ୍ୟବସ୍ଥାର ପ୍ରମୁଖ ଅଂଶୀଦାର ଭାବରେ ରାଜାଙ୍କର ମୁଖ୍ୟ କାର୍ଯ୍ୟ ଏହା ଥିଲା ଯେ ସେ ଆବେଦନ (representation) ଆସିଲା ମାତ୍ରେ ସେ ଦାୟୀତ୍ୱବାନ ଅଧିକାରୀମାନଙ୍କୁ ମୌଖିକ ଆଦେଶ ପ୍ରଦାନ କରିବା । ଏହି ଆଦେଶଗୁଡ଼ିକ ସାଧାରଣତଃ ବିସ୍ତାରିତ ଭାବେ ମନ୍ଦିର କାନ୍ଥରେ ଖୋଦିତ କରାଯାଇଥିଲା । ତିରୁମନ୍ଦିର ଓଲୋଇ ନାୟଗମ (Tirumandira olai Nayagam) ନାମକ ଏକ ବିଶିଷ୍ଟ ଅଧିକାରୀମାନେ ମୌଖିକ ଆଦେଶକୁ ସଙ୍ଗେ ସଙ୍ଗେ ତାଳପତ୍ରରେ ଲିପିବଦ୍ଧ କରୁଥିଲେ ଏବଂ ଏହାର ସତ୍ୟାସତ୍ୟ ପାଇଁ ଦାୟୀ ରହୁଥିଲେ ।

କେନ୍ଦ୍ରୀୟ ସରକାରଙ୍କ ସହିତ ସାମିଲ ହୋଇଥିବା ମନ୍ତ୍ରୀ ପରିଷଦ ତଥା ଅନ୍ୟାନ୍ୟ ଉଚ୍ଚ କର୍ମଚାରୀମାନଙ୍କର ଅବସ୍ଥିତି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳିନାହିଁ ଯଦିଓ କେତେକ





ବ୍ୟକ୍ତିଗତ ମନ୍ତ୍ରୀମାନଙ୍କର ନାମ ଶିଳାଲିପିରୁ ମିଳୁଛି । ଏକ ଶକ୍ତିଶାଳୀ ଅମଲାତନ୍ତ୍ର ପ୍ରଶାସନରେ ରାଜାଙ୍କୁ ତଥା ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରୁଥିଲା । ଆଧୁନିକ ଅର୍ଥରେ ବିଧାନସଭା ଏବଂ ବ୍ୟବସ୍ଥାପକ ପ୍ରଣାଳୀର ଅନୁପସ୍ଥିତିରେ ରାଜାଙ୍କର ଆଦେଶର ନିରପେକ୍ଷତା ମନୁଷ୍ୟର ସାଧୁତା ଏବଂ ତାଙ୍କର ଧର୍ମ ବିଶ୍ୱାସ ଯଥା:-ନ୍ୟାୟପରାଣୟତା ଜ୍ଞାନ ଉପରେ ନିର୍ଭର କରୁଥିଲା । ପ୍ରାଚୀନ ସମାଜ ରାଜାଙ୍କଠାରୁ ସାଧାରଣ ସୁରକ୍ଷା ବ୍ୟତୀତ ଅନ୍ୟକିଛି ଆଶା କରୁନଥିଲା । ଏପରିକି ବିବାଦୀୟ ଘଟଣାଗୁଡ଼ିକୁ ଅନ୍ତିମ ବିଚାର ପାଇଁ ନ୍ୟାୟାଳୟର ଅଧିକାରୀଙ୍କ ପାଖକୁ ପଠାଯାଉଥିଲା ।

ଚୋଳ ଅମଲାତନ୍ତ୍ର ସେ ସମୟର ପ୍ରଚଳିତ ଅନ୍ୟାନ୍ୟ ଅମଲାତନ୍ତ୍ର ବ୍ୟବସ୍ଥାଠାରୁ ଅଧିକ ଭିନ୍ନ ପ୍ରକାରର ନଥିଲା । ତଥାପି ଏହାର ଅତ୍ୟଧିକ ସଂଗଠିତ ପ୍ରକୃତି ଏହାର ବୈଶିଷ୍ଟ ଥିଲା । କେନ୍ଦ୍ରୀୟ ନିୟନ୍ତ୍ରିତ ତଥା ସ୍ଥାନୀୟ ସ୍ୱାଧୀନତା ମଧ୍ୟରେ ଏକ ସଠିକ୍ ଭାରସାମ୍ୟ ବଜାୟ ରଖା ଯାଇଥିଲା ତଥା ସ୍ଥାନୀୟ ଶାସନରେ ହସ୍ତକ୍ଷେପ ନକରିବା ଏକ ପବିତ୍ର କର୍ମ ବୋଲି ଧରାଯାଉଥିଲା । ଅମଲାତନ୍ତ୍ରରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ବିଭାଗ ଥିଲା ତଥା ସେମାନଙ୍କ କାର୍ଯ୍ୟକାଳ ରାଜାଙ୍କର ଖୁସି ଉପରେ ନିର୍ଭର କରୁଥିଲା । କର୍ମଚାରୀମାନେ ମାରାୟନ (Maraya) ତଥା ଆଦିଗରିଗଲ (Adigarigal) ଇତ୍ୟାଦି ବିଭିନ୍ନ ଉପାଧିରେ ଭୂଷିତ ହେଉଥିଲେ । ଏକ ବର୍ଷର କର୍ମଚାରୀମାନଙ୍କ ମଧ୍ୟରେ ବରିଷ୍ଠତା (Seniority) ଯୋଗ୍ୟତା ପ୍ରାପ୍ତ ଉପାଧି ଯଥା:- ପେରୁଣ୍ଡାନମ୍ (Perundanam) ଏବଂ ସିରୁତାନମ୍ (Sirutanam) ରୁ ନିର୍ଦ୍ଧାରିତ ହେଉଥିଲା । ଦେଶର ଆୟ ଏବଂ ବ୍ୟୟ ଦାୟୀତ୍ୱରେ ଥିବା ରାଜସ୍ୱ ଅଧିକାରୀମାନେ ମହତ୍ୱପୂର୍ଣ୍ଣ ଉଚ୍ଚ ଅଧିକାରୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ।

ପ୍ରତ୍ୟେକ ଗ୍ରାମ ସ୍ୱୟଂଶାସିତ ଅଞ୍ଚଳରେ ପରିଣତ ହୋଇଥିଲା । ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳର କେତେକ ଗ୍ରାମକୁ ନେଇ ଗୋଟାଏ ଲେଖାଁଏ କୋରମ୍ (Koram) ଅଥବା ନାଡୁ (Nadu) ଅଥବା କଟ୍ଟମ୍ (Kottam) ଗଠିତ ହେଉଥିଲା । ତାନିୟୁର (Taniyur) ଆୟତନରେକୁରମ୍‌ଠାରୁ ମଧ୍ୟ ଏକ ବିଶାଳ ଗାଁ ଥିଲା । କେତେକ କୁରମ୍ (Kurram) ର ସମଷ୍ଟିରେ ଗୋଟାଏ ଭାଲାନାଡୁ (Valanadu) ଗଠିତ ହେଉଥିଲା । କେତେକ ଭାଲାନାଡୁର ସମଷ୍ଟିରେଏକ ମଣ୍ଡଳ ବା ପ୍ରଦେଶର ସ୍ଥାପନ ହେଉଥିଲା । ଚୋଳ ସାମ୍ରାଜ୍ୟ ଉନ୍ନତିର ଚରମସୀମାରେ ଥିବାବେଳେ ଶ୍ରୀଲଙ୍କା ସହିତ ଏହାର ପ୍ରାୟ ଆଠରୁ ନଅଟି ପ୍ରଦେଶ ଥିଲା । ଚୋଳ ଶାସନ ସମୟରେ ଉକ୍ତ ପ୍ରଦେଶ ଏବଂ ତା'ର ନାମଗୁଡିକର ବାରମ୍ବାର ପରିବର୍ତ୍ତନ ଘଟୁଥିଲା । ଉତ୍ତରାମେରୁର (Uttaramerur) ମନ୍ଦିରରେ ଥିବା ଖ୍ରୀ: ଅଷ୍ଟମ ଶତାବ୍ଦୀର ଏକ ଶିଳାଲିପିରୁ ସ୍ଥାନୀୟ ପରିଷଦର ଗଠନ, ପ୍ରାର୍ଥିଙ୍କର ଯୋଗ୍ୟତା ଏବଂ ଉପଯୁକ୍ତତା (Qualification), ନିର୍ବାଚନ ପଦ୍ଧତି, ସେମାନଙ୍କର କର୍ତ୍ତବ୍ୟ ଏବଂ କ୍ଷମତାର ସୀମାରେଖା ଇତ୍ୟାଦି ବିଷୟରେ ଉଲ୍ଲେଖ ଥିବାର ଜଣାପଡେ । ଏହା ଜଣାପଡେ ଯେ ସାଧାରଣ ଗ୍ରାମ ଉରୁ (Ur) ବା ଓର (Oor) ର ଶାସନ ବ୍ରାହ୍ମଣଙ୍କୁ ଉପହାର ସ୍ୱରୂପ ଦିଆଯାଉଥିବା ଗ୍ରାମର ଶାସନଠାରୁ ଅଲଗା ଥିଲା ।

ଅମଲାତନ୍ତ୍ରର ଅଧିକାରୀମାନଙ୍କର କାର୍ଯ୍ୟକଳାପ ନିରବଚ୍ଛିନ୍ନ ଭାବରେ ଯାଞ୍ଚ ତଥା ସମୀକ୍ଷଣର (Audit and Security) ପରିସରଭୁକ୍ତ ଥିଲା । ଉତ୍‌ଥମ ଚୋଳ (Uththama Chola)ଙ୍କ ଶାସନ କାଳର ଏକ ଅଭିଲେଖରୁ ଏକ ବିଶେଷ ଅନୁଦାନକୁ ଲିପିବଦ୍ଧ କରିବାରେ କେତେକ



ଟିପ୍ପଣୀ



କର୍ମଚାରୀଙ୍କର ବେଖାତିର ପଣିଆ ଏବଂ ଅବହେଳାର ଚିକିନିକି ବିବରଣୀର ସନ୍ଧାନ ମିଳେ । ଏହାଦ୍ୱାରା ଉକ୍ତ ଅନୁଦାନରୁ କିଏ ଉପକୃତ ହେବ ଚିନ୍ତାକରି ପ୍ରତିବାଦୀମାନଙ୍କ ମଧ୍ୟରେ ଏକ ବିବାଦ ସୃଷ୍ଟି ହେଲା । ଏହାଦ୍ୱାରା ଏଥିରେ ଲିପ୍ତ ଥିବା କର୍ମଚାରୀମାନଙ୍କୁ ଦଣ୍ଡିତ କରାଗଲା । ନାଗରିକ ପ୍ରଶାସନର ମୁଖ୍ୟ ହିସାବରେ ରାଜା ନିଜେ ମଝିରେ ମଝିରେ ଦେଶ ଗସ୍ତରେ ଯାଉଥିଲେ ଏବଂ ସ୍ଥାନୀୟ ପ୍ରଶାସନ ବିଷୟରେ ତଥ୍ୟାନୁସନ୍ଧାନ (Inquest) କରୁଥିଲେ । ୧୦୮୯ ମସିହାରେ ଚୋଳ ରାଜା କୁଲତୁଙ୍ଗ (Kulatunga)ଙ୍କ ଦ୍ୱାରା ବ୍ୟାପକ ଭାବେ ପୁନର୍ବାର ଜମିବାଡିର ମାପଚୁପ କରାଗଲା । ଯେଉଁଥିରେ ଭୂମିର ସୀମା ଏବଂ ନିର୍ଦ୍ଧାରିତ ଦେୟର ପରିମାଣ, ଗ୍ରାମର ସୀମା, ଗ୍ରାମବାସୀମାନଙ୍କର ସାଧାରଣ ଅଧିକାର (Common Rights) ତଥା ସର୍ବସାଧାରଣ ଚାରଣଭୂମି ଇତ୍ୟାଦି ଲିପିବଦ୍ଧ କରାଯାଇଥିଲା । ରାଜସ୍ୱ ଅଧିକାରୀମାନେ କର ଆଦାୟ କରିବା ପାଇଁ ଦାୟିତ୍ୱ ବହନ କରିଥିଲେ । ଚୋଳ ସରକାର ରାଷ୍ଟ୍ର ଚଳାଇବା ପାଇଁ ନ୍ୟାୟ ସଙ୍ଗତ ଭାବରେ ତଥା ସଠିକ୍ ଭାବେ କର ଆଦାୟର ଆବଶ୍ୟକତା ଉପରେ ଅତ୍ୟଧିକ ସତର୍କ ଥିଲେ । ରାଜସ୍ୱ ଅଭିଲେଖ ବା ନଥିଗୁଡ଼ିକ ଅନ୍ୟାୟ ଭାବେ କର ଆଦାୟ କରିବାର ଦସ୍ତାବିଜ ନଥିଲା । ବରଂ ତାହା ଯତ୍ନର ସହିତ ଲେଖା ଯାଉଥିବା ଭୂମି ଅଧିକାର ଦଲିଲ୍ ଥିଲା ଯାହାକି ପୁରାପୁରି ଅନୁସନ୍ଧାନ ଏବଂ ସଠିକ୍ ଭାବେ ଜମିର ମାପଚୁପ ଉପରେ ପର୍ଯ୍ୟବେଶିତ ଥିବା ସହିତ ସେଗୁଡ଼ିକୁ ନିୟମିତ ମାପଚୁପ ଦ୍ୱାରା ଯୁଗପୋଯୋଗୀ (Uptodate) କରାଯାଇଥିଲା । ରାଜସ୍ୱ ଅଧିକାରୀମାନଙ୍କ କାର୍ଯ୍ୟରେ ଅନ୍ୟ କ୍ଷେତ୍ରର ଦାୟିତ୍ୱ ମଧ୍ୟ ନ୍ୟସ୍ତ ହୋଇଥିଲା । ସେମାନେ ମଧ୍ୟ ମନ୍ଦିରର ଆୟ ଏବଂ ବ୍ୟୟ ନିୟନ୍ତ୍ରଣ କରୁଥିଲେ । ଏହା ମଧ୍ୟ ଦେଖାଯାଏ ଯେ ସେମାନେ ଗ୍ରାମ ସଭା ପାଇଁ ମଧ୍ୟ ଜମି କିଣୁଥିଲେ । ଗ୍ରାମ ପରିଷଦ ଭଳି ସ୍ଥାନୀୟ ସରକାରୀ ଏଜେନ୍ସି (Agency) ତିଆରି କରାଯାଇଥିବା ମହତ୍ୱପୂର୍ଣ୍ଣ ଦଲିଲଗୁଡ଼ିକର ସତ୍ୟତା ପ୍ରମାଣ କରିବା ସହିତ ନିଶ୍ଚିତ ବୋଲି ଦର୍ଶାଉଥିଲେ । ଏମାନେ ମଧ୍ୟ ବିଚାରପତିଭାବେ କାର୍ଯ୍ୟ କରୁଥିବାର ଦେଖା ଯାଉଥିଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ଟିକସ ଆଦାୟ ହେବା ସତ୍ତ୍ୱେ ସ୍ଥାନୀୟ ଗୋଷ୍ଠୀମାନେ ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟ ଆଦାୟ କରିବାର ସୁଯୋଗ ପାଇଥିଲେ ।

ଚୋଳ ସାମ୍ରାଜ୍ୟରେ ନ୍ୟାୟ ଏକ ସ୍ଥାନୀୟ ମାମଲା ଥିଲା ଯେଉଁଠାରେ ଛୋଟ ଛୋଟ ବିବାଦଗୁଡ଼ିକୁ ଗ୍ରାମ ସ୍ତରରେ ଫଇସଲା କରାଯାଉଥିଲା । ଛୋଟ ଅପରାଧ ପାଇଁ ଦଣ୍ଡ ସ୍ୱରୂପ ଅର୍ଥଦଣ୍ଡ ଦେବାକୁ ପଡୁଥିଲା ଅଥବା ଦୋଷୀକୁ କେତେକ ଦାତବ୍ୟ ଅନୁଷ୍ଠାନକୁ ଦାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା । ଏପରିକି ନରହତ୍ୟା ଭଳି ଜଘନ୍ୟ ଅପରାଧପାଇଁ ମଧ୍ୟ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଉଥିଲା । ରାଜ୍ୟ ପ୍ରତି ଅପରାଧ ଯେପରିକି ଦେଶଦ୍ରୋହ ଆଦିରେ ରାଜା ନିଜେ ଶୁଣାଣି ଏବଂ ଦଣ୍ଡବିଧାନ କରୁଥିଲେ । ଏବଂ ଏଭଳି କ୍ଷେତ୍ରରେ ରାଜା ସାଧାରଣତଃ ମୃତ୍ୟୁ ଦଣ୍ଡ ଅଥବା ସମ୍ପତ୍ତିର ବାଜ୍ୟାପ୍ତି ଦଣ୍ଡାଦେଶ ଶୁଣାଉଥିଲେ । ଏପରିକି ପ୍ରଥମ ଶ୍ରେଣୀୟ ହତ୍ୟା ମାମଲାରେ ମଧ୍ୟ ମୃତ୍ୟୁ ଦଣ୍ଡ ଅସାଧାରଣ ଥିଲା । ଆଜିପର୍ଯ୍ୟନ୍ତ ଉପଲବ୍ଧ ସମସ୍ତ ଅଭିଲେଖରେ କେବଳ ଏକ ମାତ୍ର ମୃତ୍ୟୁଦଣ୍ଡର ଉଦାହରଣ ଦେଖିବାକୁ ମିଳେ । ଗ୍ରାମସଭାଗୁଡ଼ିକ ସ୍ଥାନୀୟ ବିବାଦଗୁଡ଼ିକର ନିର୍ଣ୍ଣୟ କରିବା ପାଇଁ ଅତ୍ୟଧିକ ଶକ୍ତିର ଉପଯୋଗ କରୁଥିଲେ । ନ୍ୟାୟତାର (Nyayattar) କୁହାଯାଉଥିବା ଛୋଟ ସମିତିଗୁଡ଼ିକ କେତେକ କ୍ଷେତ୍ରରେ ଶୁଣାଣୀ କରୁଥିଲେ ଯେଉଁଗୁଡ଼ିକ ସ୍ୱେଚ୍ଛାସେବୀ ଗ୍ରାମୀଣ ସମିତିର ଅଧିକାର ଭୁକ୍ତ ହୋଇନଥିଲା । ଅଧିକାଂଶ ବିଚାରରେ ଦଣ୍ଡ ସ୍ୱରୂପ ମନ୍ଦିର ଅଥବା ଧର୍ମ୍ମତ୍ତୋର ସମ୍ପତ୍ତି (Endowment) କୁ ଦାନ ସ୍ୱରୂପ

ଅର୍ଥ ଦେବାକୁ ପଡୁଥିଲା । ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ ନିଜର ଅର୍ଥରାଶି "ଧର୍ମାସନ" (Dharmaasana) ନାମକ ଏକ ସ୍ଥାନରେ ଜମା ଦେବାକୁ ପଡୁଥିଲା । ନ୍ୟାୟ ପ୍ରକ୍ରୀୟା ତଥା ନ୍ୟାୟାଳୟର ନଥି ବିଷୟରେ ଅଧିକ ଖବର ଉପଲବ୍ଧ ହୋଇପାରିନାହିଁ । ଦିୱାନୀ ତଥା ଫୌଜଦାରୀ ମାମଲାରେ କୌଣସି ପ୍ରଭେଦ ନଥିଲା । ସମୟ ସମୟରେ ଦେୱାନୀ କେଶ୍ ଗୁଡିକୁ ସେହିଦିନ ପର୍ଯ୍ୟନ୍ତ ଚାଲୁ ରଖାଯାଉଥିଲା ଯେଉଁଦିନ ପର୍ଯ୍ୟନ୍ତ ସମୟ ଏହାର ସମାଧାନ କରି ପାରୁ ନଥିଲା । ଚୋରୀ, ବ୍ୟଭିଚାର ଏବଂ ଜାଲିଆତି ପରି ଅପରାଧକୁ ଜଘନ୍ୟ ଅପରାଧ ବୋଲି ଧରାଯାଉଥିଲା । ଅଧିକାଂଶ କ୍ଷେତ୍ରରେ ଅପରାଧୀକୁ ଦଣ୍ଡ ହିସାବରେ ମନ୍ଦିରରେ ନିରନ୍ତର ଦ୍ୱୀପ ଜାଳିବା ପାଇଁ ନିର୍ଦ୍ଦୋଷ ଦିଆ ଯାଉଥିଲା । ଏପରିକି ହତ୍ୟା ମାମଲାରେ ମଧ୍ୟ ଅର୍ଥଦଣ୍ଡ ମାଧ୍ୟମରେ ଦୋଷୀକୁ ଦଣ୍ଡ ପ୍ରଦାନ କରାଯାଉଥିଲା । ଏକ ଦୃଷ୍ଟାନ୍ତରେ ଜଣେ ଲୋକ ଜଣେ ସୈନ୍ୟବାହିନୀର କମାଣ୍ଡରଙ୍କୁ ଛୁରୀ ଭୂଷି ଦେଇଥିଲା । ରାଜେନ୍ଦ୍ର ଚୋଳ- II ଅପରାଧୀକୁ ଏକ ପଡୋଶି ମନ୍ଦିରେ ଦ୍ୱୀପ ଜଳାଇବା ପାଇଁ ୯୬ଟି ମେଣ୍ଢା ଦାନ କରିବାକୁ କହିଥିଲେ ।

## ୩୦.୪ ପାଠଗତ ପ୍ରଶ୍ନ

ସଠିକ ଉତ୍ତର ଉପରେ ଠିକ୍ ☑ ଚିହ୍ନ ଲଗାଅ ।

୧. କେଉଁ ଶତାବ୍ଦୀରେ ବିଜୟଓ୍ୱାଡାରେ ଶାସନ କରୁଥିବା ସମୟରେ ଚୋଳ ଶକ୍ତିର କେନ୍ଦ୍ର ତାନଜାଭୁର ଥିଲା । (୫ମ, ୯ମ ଏବଂ ୧୦ମ)

..........................................................................................

୨. ରାଜାରାଜା-୧ଙ୍କ ପୁତ୍ର ରାଜେନ୍ଦ୍ର କେଉଁ ସମୟରୁ ନିଜ ପିତାଙ୍କ ଶାସନରେ ଅଂଶ ଗ୍ରହଣ କରିଥିଲା । (୧୦୧୨, ୧୧୦୨, ୨୧୦୧)

..........................................................................................

୩. ଉତ୍ତରାମେରୁର ଏକ ମନ୍ଦିରରେ ଖ୍ରୀ: କେଉଁ ଶତାବ୍ଦୀର ଏକ ଅଭିଲେଖରେ ସ୍ଥାନୀୟ ପରିଷଦର ଗଠନର ସମ୍ବିଧାନ ବର୍ଣ୍ଣନା କରାଯାଇଛି । (୬ଷ୍ଠ, ୭ମ, ୮ମ)

..........................................................................................

## ତୁମେ କ'ଣ ଶିଖିଲ

ମାନବ ସମାଜ ଗଠନର ପ୍ରାରମ୍ଭରୁ ଏକ ବିଶ୍ୱାସ ଥିଲା ଯେ ସମସ୍ତ ମାନବମାନେ ସମାନ ଏବଂ ସେମାନଙ୍କର ସମାନ ଅଧିକାର ଅଛି କାରଣ ମୂଳତଃ ଏହା ଏକ ଗୋଷ୍ଠୀଗତ ସମାଜ ଥିଲା । ବର୍ଗ ଉପରେ ଆଧାରିତ ସମାଜର ବିକାଶ ରାଷ୍ଟ୍ର ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ ଅନିବାର୍ଯ୍ୟ ଥିଲା ।

ବୈଦିକ ରାଜତନ୍ତ୍ରରେ ଗୋଷ୍ଠୀମୁଖ୍ୟ ରାଜା ହେଉଥିଲେ ଏବଂ ଧିରେ ଧିରେ ତାଙ୍କୁ ଏପରି ଉପାଧିରେ ଭୂଷିତ କରାଯାଉଥିଲା ଯେ ତାଙ୍କର ସ୍ଥାନ ଭଗବାନଙ୍କ ସହିତ ସମାନ ହେଲା । ରାଷ୍ଟ୍ରର ସୃଷ୍ଟି ମୁଖ୍ୟତଃ ଦୁଇଟି କାରଣ ଉପରେ ପର୍ଯ୍ୟବେଶିତ ଯଥା:-ଦଣ୍ଡ (ପ୍ରାଧିକାରୀ) ଏବଂ

ଧର୍ମ । ମୌର୍ଯ୍ୟ ସାମ୍ରାଜ୍ୟର ଆବିର୍ଭାବ ଦ୍ୱାରା ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କଲା । ତା ସତ୍ତ୍ୱେ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଏବଂ ଅନ୍ୟ ଏକ ସାମ୍ରାଜ୍ୟର ପୁନଃ ଆବିର୍ଭାବ ପାଇଁ ଅନେକ ଶତାବ୍ଦୀ ଲାଗିଲା ।

ଏହା କଥିତ ଅଛି ଯେ ଆର୍ଯ୍ୟମାନେ ଖାଇବର ଗିରିପଥ ଦେଇ ପ୍ରାୟ ୧୫୦୦ ଖ୍ରୀ:ପୂ: ବେଳକୁ ଭାରତରେ ପ୍ରବେଶ କଲେ ଏବଂ ଭାରତ ଇତିହାସରେ ଏକ ନୂତନ ସଭ୍ୟତାର ଅୟମାରମ୍ଭ କଲେ ଯାହାକୁ ବୈଦିକ ସଭ୍ୟତା କୁହାଯାଏ । ଆର୍ଯ୍ୟମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଭାରତର ଉତ୍ତର ପଶ୍ଚିମାଞ୍ଚଳରେ ସ୍ଥାୟୀଭାବେ ଜୀବନ ଯାପନ କଲେ । ଗୋଷ୍ଠୀ ମୁଖ୍ୟ ରାଜା ନାମକ ଉପାଧି ଧାରଣ କଲେ । ସେ ପ୍ରାରମ୍ଭରୁ ଯୁଦ୍ଧ ନେତାମାନଙ୍କଠାରୁ ସ୍ୱଚ୍ଛ ଉର୍ଦ୍ଧ୍ୱରେ ଥିଲେ ଏବଂ ତାଙ୍କର ମୁଖ୍ୟ କାର୍ଯ୍ୟ ହେଲା ନିଜ ନିଜର ଗୋଷ୍ଠୀକୁ ସୁରକ୍ଷା ପ୍ରଦାନ କରିବା ।

ଏକ ମହାସଂଗ୍ରାମ ଦ୍ୱାରା କଳିଙ୍ଗ ବିଜୟ ଅବସରରେ ମହାନ ସମ୍ରାଟ ଅଶୋକ ସୈନ୍ୟବଳ ଦ୍ୱାରା ରାଜ୍ୟାଧିକାରକୁ ପରିସମାପ୍ତି କରିଥିଲେ । ଭାରତୀୟ ଉପମହାଦ୍ୱୀପକୁ ଶାସନ କରୁଥିବା ବିଶାଳ ସାମ୍ରାଜ୍ୟ ହେଲା ମୌର୍ଯ୍ୟ ସାମ୍ରାଜ୍ୟ । ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ କୌଟିଲ୍ୟ 'ଅର୍ଥଶାସ୍ତ୍ର' ରଚନା କରିଥିଲେ । ଅର୍ଥନୀତି, ରାଜନୀତି, ବୈଦୋଶିକ ବ୍ୟାପାର, ଶାସନ, ସାମରିକ କଳା ଯୁଦ୍ଧ ଏବଂ ଧର୍ମ ଉପରେ ଆଧାରିତ ଏହା ହେଉଛି ପ୍ରାଚ୍ୟରେ ଲେଖା ଯାଇଥିବା ମହାଗ୍ରନ୍ଥମାନଙ୍କ ମଧ୍ୟରୁ ଅନ୍ୟତମ ।

ଚତୁର୍ଥ ଶତାବ୍ଦୀର ସର୍ବଶ୍ରେଷ୍ଠ ସାମ୍ରାଜ୍ୟ ଥିଲା ଗୁପ୍ତ ସାମ୍ରାଜ୍ୟ ଯାହାକୁ ଭାରତ ଇତିହାସରେ ସୁବର୍ଣ୍ଣ ଯୁଗର ଆଖ୍ୟା ଦିଆଯାଏ । ଏହି ସାମ୍ରାଜ୍ୟ ଦୁଇ ଶତାବ୍ଦୀ ଠାରୁ ଅଧିକ ସମୟ ତିଷ୍ଠି ଥିଲା ।

ଏହି ପାଠରେ ତୁମ୍ଭେମାନେ ମଧ୍ୟ ମୌର୍ଯ୍ୟ ଅମଲାତନ୍ତ୍ର, ଗୁପ୍ତ ଶାସନ ଏବଂ ଚୋଳ ଶାସନର ଉତ୍ପତ୍ତି ବିଷୟରେ ପଢ଼ିଅଛ । ଚୋଳ ଅମଲାତନ୍ତ୍ର ଅଥବା ଶାସନରେ ନିୟୋଜିତ ଥିବା କର୍ମକର୍ତ୍ତାଙ୍କର କାର୍ଯ୍ୟକଳାପଗୁଡ଼ିକ ଯାଞ୍ଚ ଏବଂ ସମୀକ୍ଷଣର ପରିସରଭୁକ୍ତ ଥିଲେ । ରାଜସ୍ୱ କର୍ମଚାରୀମାନେ ଟିକସ ଆଦାୟର ଦାୟିତ୍ୱ ଗ୍ରହଣ କରିଥିଲେ ।

## ପାଠାନ୍ତ ପ୍ରଶ୍ନ

୧) କିଙ୍ଗସିପ୍ ର ଅର୍ଥ କ'ଣ? ଏହା କିପରି ବିକଶିତ ହେଲା?

୨) ମହାଜନପଦ ଏବଂ ରାଜତନ୍ତ୍ରୀୟ ମହାଜନପଦ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୩) ମଗଧ ତଥା ମୌର୍ଯ୍ୟମାନଙ୍କର ଉତ୍‌ଥାନ ବିଷୟରେ ଉଲ୍ଲେଖ କର ।

୪) ଗୁପ୍ତକାଳରେ ରାଷ୍ଟ୍ରର ବିକାଶ କିପରି ହୋଇଥିଲା?

୫) ଚୋଳ ଶାସନର ବିକାଶ ଏବଂ ମୂଲ୍ୟାୟନ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୩୦.୧**

୧) ଆରମ୍ଭରୁ ମାନବ ସମାଜ ମୁଖ୍ୟତଃ ଏକ ଗୋଷ୍ଠୀଗତ ସମାଜ ।



ଟିପ୍ପଣୀ

୨) ମୌର୍ଯ୍ୟ ବଂଶର ଆବିର୍ଭାବ ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କଲା ।

୩) ଏକ ସୁଦୃଢ଼ ରାଜନୈତିକ ମୂଳଦୁଆର ଅଭାବରୁ ଆର୍ଯ୍ୟମାନେ ଅନାର୍ଯ୍ୟ (ଅଣ-ଆର୍ଯ୍ୟ)ମାନଙ୍କୁ ଏକତ୍ରୀତ କରି ପାରି ନଥିଲେ ।

୪) ଏକ ସଭାଗୃହରେ ୭୭୦୭ ଠାରୁ ଅଧିକ ରାଜା ଥିଲେ ସେମାନେ ରାଜନ୍ୟାସ୍ ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିଲେ ।

**୩୦.୨**

୧) କୌଟିଲ୍ୟ

୨) ରାଜକୀୟ ରାଜକୁମାର

୩) ଗ୍ରୀକ୍ ଦେଶର ରାଷ୍ଟ୍ରଦୂତ ଯେ ଭାରତ ବୁଲିଥିଲେ ।

୪) (କ) ତୋଶାଳୀ (ଖ) ଉଜ୍ଜୟିନୀ (ଗ) ସୁବର୍ଣ୍ଣଗିରି (ଘ) ତାମିଲା

୫) ୬,୦୦,୦୦୦ ପଦାତୀକ:, ୩୦,୦୦୦ ଅଶ୍ୱାରୋହୀ:, ୯୦୦୦ ଯୁଦ୍ଧହସ୍ତୀ

**୩୦.୩**

୧) ଗୁପ୍ତ ସାମ୍ରାଜ୍ୟ

୨) ଚନ୍ଦ୍ରଗୁପ୍ତ - I, ମହାରାଜାଧୀରାଜ

୩) ଚନ୍ଦ୍ରଗୁପ୍ତ - II

୪) ଚୀନ୍‌ର, ବୌଦ୍ଧ

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧) ଅନୁଚ୍ଛେଦ ୩୦.୨ ଏବଂ ୩୦.୩ ଦେଖ

୨) ଅନୁଚ୍ଛେଦ ୩୦.୪ ଦେଖ

୩) ଅନୁଚ୍ଛେଦ ୩୦.୫ ଦେଖ

୪) ଅନୁଚ୍ଛେଦ ୩୦.୯ ଦେଖ

୫) ଅନୁଚ୍ଛେଦ ୩୦.୧୪ ଦେଖ